ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.23 . No.14, Bhubaneswar Wednesday, February 19, 2020 | ୨୩ତମ ବର୍ଷ ସଂଖ୍ୟା-୧୪ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୯, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

# ଓଡିଶା ବଜେଟ୍ : ୧ଲକ୍ଷ ୫୦ ହଜାର କୋଟି ଟଙ୍କାର ବ୍ୟୟ ବରାଦ୍



ଭୁବନେଶ୍ୱର, ୧୮।୨(ପି.ଏନ): ରାଜ୍ୟ ଅର୍ଥମନ୍ତ୍ରୀ ଶ୍ରୀ ନିରଂଜନ ପୂଜାରୀ ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ରାଜ୍ୟ ଲାଗି ସମୁଦାୟ ୧ଲକ୍ଷ ୫୦ ହଜାର କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିଛନ୍ତି। ଏଥି ମଧ୍ୟରୁ ୬୫,୬୫୫ କୋଟି ଟଙ୍କା ପ୍ରଶାସନିକ ବ୍ୟୟ , ୭୪,୦୦୦କୋଟି ଟଙ୍କାର କାର୍ଯ୍ୟକ୍ରମ ବ୍ୟୟ , ୩,୨୦୦ କୋଟି ଟଙ୍କା ବିପର୍ଯ୍ୟୟ ପ୍ରଶମନ ବ୍ୟୟ ପାଇଁ ରଖାଯାଇଥିବାବେଳେ ୭,୧୪୫ କୋଟି ଟଙ୍କା ସ୍ଥାନୀୟ ନିକାୟ ମାନଙ୍କ ପାଇଁ ରଖାଯାଇଛି। ଏହା ବ୍ୟତୀ କମ୍ପାକ୍ଟ , ଡିଏମଏଫ୍ ଓ ସରକାରୀ ଉଦ୍ୟୋଗ ଇତ୍ୟାଦି ଠାରୁ ୬,୫୦୦ କୋଟି ବଜେଟ୍ ବର୍ହିଭୂତ ସମ୍ବଳ ବ୍ୟୟ କରାଯିବ। ଯାହାକି ସରକାରୀ ଖର୍ଚ୍ଚ ବୃଦ୍ଧିରେ ସହାୟକ ହେବ। ଏହି ବଜେଟ୍ ରେ ବିଶ୍ୱ ସ୍ତରୀୟ ଭିତିଭୂମି ସୃଷ୍ଟି , ଉନ୍ନତ ସ୍ୱାସ୍ଥ୍ୟସେବା , ଶିକ୍ଷାଓ ଦକ୍ଷତା ବୃଦ୍ଧି ପାଇଁ ଅନୁକୂଳ ବାତାରବରଣ ସହ କ୍ରୀଡା , ପର୍ଯ୍ୟଟନ , ସଂସ୍କୃତି , ଅଣୁ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ , ପୁଂଜି ନିବେଶ ତଥା ଅନ୍ୟାନ୍ୟ କ୍ଷେତ୍ରର ବିକାଶ ଉପରେ ଧ୍ୟାନ ଦିଆଯାଇଛି। ଏହା ଏକ ଜନ ମଙ୍ଗଳକାରୀ ଏବଂ ବଳକା ବଜେଟ୍ । ଗତ ବର୍ଷ ଅପେକ୍ଷା ଏଥର ବଜେଟ୍ ର ପରିମାଣ ୧୧.୧ % ଅଧିକ ରହିଛି ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି।୩,୨୦୮ କୋଟି ଟଙ୍କା ନିବେଶରେ ପୁରୀକୁ ଏକ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବାପାଇଁ ବୃହତ୍ ଯୋଜନା କରାଯାଇଛି। ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ୬୫ ଏକର ଜମିର ଉନ୍ନୟନ ପାଇଁ ଏକାମ୍ର ଯୋଜନା ଅଥଧୀନରେ ଚଳିତ ବଜେଟ୍ ରେ ୧୫୦ କୋଟି ଟଙ୍କା ରଖାଯାଇଛି। କଟକ ଏସସିବିକୁ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ପ୍ରତିଷ୍ଠାନ କରିବାପାଇଁ ୧ହଜାର କୋଟି ଟଙ୍କାର ନିବେଶ ଲକ୍ଷ୍ୟ ରଖାଯାଇଛି। ସ୍କିଲ ଇନ୍ ଓଡିଶାକୁ ଏକ ବିଶ୍ୱ ସ୍ତରୀୟ ବ୍ରାଣ୍ଡରେ ରୂପାନ୍ତରିତ କରିବା ପାଇଁ ଭୁବନେଶ୍ୱରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା, ଓଡିଶାକୁ ବିଶ୍ୱ ସ୍ତରୀୟ ପର୍ଯ୍ୟଟନ କେନ୍ଦ୍ରରେ ପରିବର୍ତନ କରିବା ପାଇଁ ପର୍ଯ୍ୟଟନ କ୍ଷେତ୍ରରେ ବହୁଳ ପୁଂଜି ନିବେଶ କରାଯିବ। ପୁରୀ , ଯାଜପୁର , କେନ୍ଦୁଝର , ଭବାନୀପାଟଣା , ସୁନ୍ଦରଗଡ, ତାଳଚେର , କନ୍ଧମାଳ ଠାରେ ୭ ଟଇ ନୂତନ ସରକାରୀ ଭେଷଜ ମହାବିଦ୍ୟାଳୟର ପ୍ରତିଷ୍ଠା କରିବାପାଇଁ ୫୬୨ କୋଟି ଟଙ୍କା , ଭୁବନେଶ୍ୱର ଓ ଅନୁଗୁଳରେ ଥିବା ଇଏସଆଇ ହସ୍ପିଟାଲ ପାଇଁ ୨୨୦ ଡାକ୍ତର ଓ ସହକାରୀ ସ୍ୱାସ୍ଥ୍ୟକର୍ମୀ ସୃଷ୍ଟି ,କର୍ମଚାରୀ ବୀମା ପାଇଁ ୪୭ କୋଟଇ ଟଙ୍କାର ବ୍ୟୟ ବରାଦ କରାଯାଇଛି। ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୨୨,୬୩୧ କୋଟି , ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନ ଭୋଜନ ପାଇଁ ୩୯୦୫୭ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଯେଉଁଥିରେ ୪୦% ରାଜ୍ୟ ଅଂଶ ରହିଛି। ଓଡିଶା ଆଦର୍ଶ ବିଦ୍ୟାଳୟ ଯୋଜନାରେ ୪୦୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ପରିବେଶ ଅନୁକୂଳ ଜାଳେଣୀକୁ ପ୍ରୋତ୍ସାହିତ କରିବାପାଇଁ ୧୦ହଜାର ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ଏଲପିଜି ସଂଯୋଗ ନିମନ୍ତେ ୮ କୋଟି ଟଙ୍କା, ମୋ ସ୍କୁଲ ଅଭିଯାନ ପାଇଁ ୪୦ କୋଟି ଟଙ୍କା , ମୋ କଲେଜ ଅଭିଯାନ କର୍ପସ ପାଣ୍ଠି ପାଇଁ ୧୦ କୋଟି ଟଙ୍କା, ଗଙ୍ଗାଧର ମେହେର ଶିକ୍ଷା ମାନକ ବୃଦ୍ଧି ଯୋଜନାପାଇଁ ୨୩୧ କୋଟି ଟଙ୍କା , ପ୍ରି ମାଟ୍ରିକ ଓ ପୋଷ୍ଟ ମାଟ୍ରିକ ବୃତି ପାଇଁ୧୪୨୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ମହାବିଦ୍ୟାଳୟମାନଙ୍କୁ ଉତ୍କର୍ଷ କେନ୍ଦ୍ର କରିବାପାଇଁ ୧୩୧କୋଟି ଟଙ୍କା , ଉଚ୍ଚ ଶିକ୍ଷା ଓ ବୈଷୟିକ ଶିକ୍ଷା ପାଇଁ ୨୨୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ଏଡିବି (ଏସିଆନ୍ ଡେଭେଲପମେଂଟ ବ୍ୟାଙ୍କ୍) ଦ୍ୱାରା ଏକ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ପାଇଁ ୨୨୦ କୋଟି ଟଙ୍କା ,ବୈଷୟିକ ବିଦ୍ୟାଳୟ ଓ ଯାନ୍ତ୍ରିକ ବିଦ୍ୟାଳୟ ଏବଂ ଆଇଆଇଟିର ଭିତିଭୂମି ବିକାଶ ପାଇଁ ୧୯୯ କୋଟି ଟଙ୍କା, ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ୮ହଜାର କୋଟି , ବସୁଧା ଯୋଜନା ରେ ଗ୍ରାମାଂଚଳ ପାଇଁ ୩,୨୫୦ କୋଟି ଏବଂ ସହରାଂଚଳ ପାଇଁ ୨୩୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଜଳ ଜୀବନ ମିଶନ ପାଇଁ ୨୦୦୦କୋଟି , ଜଳଯୋଗାଣ ରକ୍ଷଣାବେକ୍ଷଣା ପାଇଁ ୫୬୦କୋଟି, ଭୁବନେଶ୍ୱର ପୁରୀରେ ୯ଟି ପାଇଲଟ୍ ପ୍ରକଳ୍ପ ପାଇଁ ୫୬୦ କୋଟି ର ପ୍ରସ୍ତାବ ରଖାଯାଇଛି। ୫-ଟି ପଦକ୍ଷେପ ଅଧୀନରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାମ୍ ମିଶନ ରେ ୧୧୪ଟଇ ପୌରାଂଚଳ , ସ୍ଥାନୀୟ ନିକାୟ ସଂସ୍ଥା ମାନଙ୍କରେ ପାନୀୟ ଜଳ ଯୋଗାଣର ମାନ ବୃଦ୍ଧି ଅର୍ନ୍ତଭୁକ୍ତ। ଶିଳ୍ପ କ୍ଷେତ୍ରରେ ଉନ୍ନୟନ ପାଇଁ ୫୭୫ କୋଟି ଏବଂ ଭିତିଭୂମିର ବିକାଶ ପାଇଁ ଇଡକୋକୁ ୨୮୪ କୋଟି ର ଆର୍ଥିକ ସହାୟତା , ହସ୍ତତନ୍ତ , ହସ୍ତକଳା , ରେଶମ ଶିଳ୍ପ ଓ ବୟନ ଶିଳ୍ପ କ୍ଷେତ୍ର ଲାଗି ୨୦୦ କୋଟି ଟଙ୍କା , ଅଣୁ କ୍ଷୁଦ୍ର ଓ ମଧ୍ୟମ ବିଭାଗ ପାଇଁ ୨୫୦ କୋଟି ,ଖଣିଜ କ୍ଷେତ୍ର ପାଇଁ ୧୮୨ କୋଟି ଟଙ୍କା ରଖାଯାଇଛି। ଏହା ବ୍ୟତୀତ ଭିତିଭୂମି କ୍ଷେତ୍ର ପାଇଁ ୧୭,୮୦୯ କୋଟି ଟଙ୍କାର ବ୍ୟୟ ବରାଦ୍ ହୋଇଛି। ରାସ୍ତା ଉନ୍ନତିକରଣ ଯୋଜନାରେ ୨,୨୭୨ କୋଟି ଟଙ୍କା , ରାଜଧାନୀରେ ୨୪ ଘଂଟିଆ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ୨୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ବିଜୁ ସେତୁ ଯୋଜନାରେ ସେତୁ ନିର୍ମାଣ ୧୦୦୦ କୋଟି , ରାଜ୍ୟ ରାଜପଥର ଦୋହରୀକରଣ ପାଇଁ ୧୦୦ କୋଟି, ପିପିପି ମୋଡ୍ ରେ ରାସ୍ତା ନିର୍ମାଣ ପାଇଁ ୬୨ କୋଟି ଟଙ୍କା , କେବିକେ ଯୋଜନାରେ ରାସ୍ତା ସଂଯୋଗୀକରଣ ପାଇଁ ୩୦ କୋଟି , ସିଆରଏଫ୍ ଅଧୀନରେ ୪୩୧ କୋଟିଟଙ୍କା ରଖାଯାଇଛି। ସାମାଜିକ ନିରାପତା ଲାଗି୩୦୨୪ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ମଧୁବାବୁ ପେନସନ ଯୋଜନା ପାଇଁ ୧୭୧୮ କୋଟି , ଜାତୀୟ ସାମାଜିକ ସହାୟତା ଯୋଜନା ପାଇଁ ହିତାଧିକାରୀଙ୍କୁ ଭତା ପାଇଁ ୯୨୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଦିବ୍ୟାଙ୍ଗ ମାନଙ୍କ ପାଇଁ ୧୬୪ କୋଟି ଟଙ୍କା , ଜାତୀୟ ଦିବ୍ୟାଙ୍ଗ ଯୋଜନାରେ ୧୪ କୋଟି ଟଙ୍କା , ଦୁସ୍ଥ ବ୍ୟକ୍ତିଙ୍କ କଲ୍ୟାଣ ପାଇଁ ୨୦୦ କୋଟି ଟଙ୍କା , ଭିମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ପାଇଁ ୨୫ କୋଟି ଟଙ୍କା ରଖାଯାଇଛି। ମହିଳା ସଶକ୍ତିକରଣ ପାଇଁ ମମତା ଯୋଜନାରେ ୩୦୫ କୋଟି , ସପ୍ଲିମେଂଟାରୀ ନ୍ୟୁଟ୍ରେସନ୍ କାର୍ଯ୍ୟକ୍ରମ ପାଇଁ୧୧୬୧ କୋଟି ଟଙ୍କା ,କାର୍ଯ୍ୟରତ ମହିଳାଙ୍କ ହଷ୍ଟେଲ ନିର୍ମାଣ ପାଇଁ ୧୦ କୋଟି , ରାଜ୍ୟ ଖାଦ୍ୟ ନିରାପତା ଯୋଜନା ମାଧ୍ୟମରେ ୨୩ ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କ ମାସିକ ୫ କିଲୋଗ୍ରାମ ଚାଉଳ ରିହାତି ଦରରେ କେଜି ପିଛା ୧ ଟଙ୍କାରେ ଦେବାପାଇଁ ୧୦୩୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅନୁସୂଚିତ ଜାତି , ଜନଜାତି ଓ ପଛୁଆ ବର୍ଗଙ୍କ ବିକାଶ ପାଇଁ ୨୩,୮୦୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନା ପାଇଁ ୩,୯୬୨ କୋଟି ଟଙ୍କା , ଦିନ ଦୟାଳ ଅନ୍ତ୍ୟୋଦୟ ଯୋଜନା ପାଇଁ ୮୫୨ କୋଟି ଟଙ୍କା ର ବ୍ୟୟ ବରାଦ କରାଯାଇଛି। ସହରାଂଚଳର ଉନ୍ନୟନ ପାଇଁ୬,୧୮୦ କୋଟି ଟଙ୍କା , ସହରାଂଚଳରେ ଗୃହ ନିର୍ମାଣ ପାଇଁ ୫୧୮ କୋଟି ଟଙ୍କା , ସ୍ୱଚ୍ଛ ଭାରତ ମିଶନ ସହରାଂଚଳ ଉପାଦାନ ଲାଗି ୩୦୦ କୋଟି ଟଙ୍କା , ଭୁବନେଶ୍ୱର ରାଉରକେଲା ସ୍ମାର୍ଟ ସିଟିର ଉନ୍ନତି ପାଇଁ ୨୦୦ କୋଟି ଟଙ୍କା, ଅବଢା ଯୋଜନା ଅଧୀନରେ ଶ୍ରୀମନ୍ଦିର ବିକାଶ ପାଇଁ ୬୯୫ କୋଟି ଟଙ୍କା , ଏକାମ୍ର ଯୋଜନା ପାଇଁ ୧୫୦ କୋଟି ଟଙ୍କା , ପର୍ଯ୍ୟଟନ ଭିତିଭୂମିର ଉନ୍ନ ପାଇଁ ୧୮୭ କୋଟି ଟଙ୍କା , ସାମୁକା ପ୍ରକଳ୍ପ ପାଇଁ୮୦ କୋଟି ଟଙ୍କା , ପର୍ଯ୍ୟଟନ ର ପ୍ରଚାର ପ୍ରସାର ପାଇଁ ୬୬ କୋଟି ଟଙ୍କା , ଇକୋ ଟୁରିଜିମ୍ ପାଇଁ ୨୫ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ସେହିପରି ତୀର୍ଥ ଯାତ୍ରା ଯୋଜନାପାଇଁ ୬ କୋଟି ଟଙ୍କା , ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ପାଇଁ୩,୨୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ବିଶ୍ୱ ବ୍ୟାଙ୍କ୍ ସହାୟତାରେ ଚାଲୁଥିବା ପ୍ରକଳ୍ପ ପାଇଁ ୧୦୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି।

## ରାଜ୍ୟର ଆର୍ଥିକ ସ୍ଥିତି ଖରାପ ହେବା ନେଇ କଂଗ୍ରେସ ବିଧାୟକଙ୍କ ଉଦବେଗ

ଭୁବନେଶ୍ୱର ୧୮।୨(ପି.ଏନ): ଆର୍ଥିକ ସର୍ବେକ୍ଷଣରେ ଓଡିଶାର ଅଭିବୃଦ୍ଧି ଦର ହ୍ରାସ ପାଇବା ଓ ମୁଣ୍ଡ ପିଛା ଋଣ ହାର ବଢିବା ସମ୍ପର୍କିତ ତଥ୍ୟ ମିଳିଲା ପରେ ଏହାକୁ ନେଇ ଉଦବେଗ ପ୍ରକାଶ କରିଛନ୍ତି କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ରାଜ୍ୟରେ ଅଭିବୃଦ୍ଧି ହାର କମ ହେବା ତଥା ମୁଣ୍ଡ ପିଛା ଋଣ ହାର ବଢିବା ଅତ୍ୟନ୍ତ ଚିନ୍ତାର ବିଷୟ । ସେହିପରି ପାରିବାରିକ ଖର୍ଚ୍ଚ ମଧ୍ୟ କମିଥିବା ଜଣା ପଡିଛି । ରାଜ୍ୟରେ ଭିକାରୀ ମାନଙ୍କ ସଂଖ୍ୟା ବଢିବା ସହ ବେକାରୀ ମାନଙ୍କ ସଂଖ୍ୟା ମଧ୍ୟ ବଢିବାକୁ ଲାଗିଛି । ରାଜ୍ୟ ସରକାର କୌଣସି ନୂଆ ନିଯୁକ୍ତି ଦେଉ ନାହାନ୍ତି । ଏହି ସ୍ଥିତିକୁ ନେଇ ରାଜ୍ୟ ସରକାର ଉଚିତ ଧ୍ୟାନ ଦେବା ଦରକାର ବୋଲି ସେ କହିଛନ୍ତି ।

## ପଶ୍ଚିମ ଓଡିଶାର କୋର୍ଟ ମାମଲା ଗୁଡିକୁ ସ୍ଥାନାନ୍ତର କରିବା ସମ୍ପର୍କିତ ନୋଟିଫିକେସନକୁ ପ୍ରତ୍ୟାହାର କରା ଯାଉ: ନରସିଂହ ମିଶ୍ର

ଭୁବନେଶ୍ୱର, ୧୮।୨(ପି.ଏନ): ପଶ୍ଚିମ ଓଡିଶାର ବିଭିନ୍ନ କୋର୍ଟରେ ରହିଥିବା ମାମଲାକୁ ଗୁଡିକ ଅନ୍ୟ କୋର୍ଟ ଗୁଡିକୁ ସ୍ଥାନାନ୍ତରଣ କରିବାକୁ ରାଜ୍ୟସରକାରଙ୍କ ପକ୍ଷରୁ ଜାରୀ କରା ଯାଇଥିବା ନୋଟିଫିକେସନକୁ ପ୍ରତ୍ୟାହାର କରିବାକୁ ବିଧାନସଭାରେ ଦାବି କରିଛନ୍ତି କଂଗ୍ରେସ ବିଧାୟକ ଦଳର ନେତା ନରସିଂହ ମିଶ୍ର। ପଶ୍ଚିମ ଓଡିଶାରେ ଓକିଲ ମାନେ ସେମାନଙ୍କର ଆନ୍ଦୋଳନ ପ୍ରତ୍ୟାହାର କରି ନେଇଥିବାରୁ ଏହି ନୋଟିଫିକେସନକୁ ପ୍ରତ୍ୟାହାର କରିବାକୁ ଦାବି କରିବା ସହ ଏ ସମ୍ପର୍କରେ ଆଇନମନ୍ତ୍ରୀ ଗୃହରେ ବକ୍ତବ୍ୟ ଦେବାକୁ ରୁଲିଂ ଦେବା ପାଇଁ ଶ୍ରୀ ମିଶ୍ର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ନିକଟରେ ନିବେଦନ କରିଥିଲେ । ବାଚସ୍ପତି ଶ୍ରୀ ପାତ୍ର ଏ ସମ୍ପର୍କରେ ରାଜ୍ୟ ଆଇନ ମନ୍ତ୍ରୀଙ୍କୁ ଅନୁଧ୍ୟାନ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଅନୁଧ୍ୟାନ ପରେ ଗୃହରେ ବକ୍ତବ୍ୟ ରଖିବାକୁ କହିଥିଲେ। ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ଶ୍ରୀ ମିଶ୍ର କହିଥିଲେ ଯେ ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଂଚ ପ୍ରତିଷ୍ଠା କରିବାକୁ ଦାବି ନେଇ ଓକିଲ ମାନଙ୍କ ପକ୍ଷରୁ ଦୀର୍ଘ ଦିନ ଧରି ଆନ୍ଦୋଳନ ଚାଲିଥିଲା । ରାଜ୍ୟ ସରକାର ଏହି ଆନ୍ଦୋଳନ ପ୍ରତି ଧ୍ୟାନ ଦେଇନଥିଲେ । ସୁପ୍ରୀମକୋର୍ଟ ଓ ବାର କାଉନସିଲ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିଥିଲେ। ବର୍ତମାନ ଓକିଲ ମାନେ ସେମାନଙ୍କର ଆନ୍ଦୋଳନରୁ ଓହରି ଯାଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟ ସରକାର ଏକତରଫା ଭାବେ ସମ୍ପୃକ୍ତ ପକ୍ଷକୁ ନ ପଚାରି ମାମଲା ଗୁଡିକୁ ଅନ୍ୟ କୋର୍ଟକୁ ସ୍ଥାନାନ୍ତର କରିଛନ୍ତି। ଏହା ଦ୍ୱାରା ଲୋକ ମାନେ ହଇରାଣ ହେବେ । ଏପରି ପରିସ୍ଥିତିରେ ଏହି ନୋଟିଫିକେସେନକୁ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦିଆ ଯାଉ ବୋଲି ସେ କହିଛନ୍ତି ।

## ମୋ ବସ ଜୟଦେବ ଅଂଚଳକୁ ମଧ୍ୟ ଯାଉ : ଅରବିନ୍ଦ ଢାଲୀ



ଭୁବନେଶ୍ୱର, ୧୮।୨(ପି.ଏନ): ରାଜ୍ୟ ସରକାର ଦ୍ୱାରା ଭୁବନେଶ୍ୱରରେ ଆରମ୍ଭ କରା ଯାଇଥିବା ମୋ ବସ ଯୋଜନାରେ ଉପକଣ୍ଠସ୍ଥ ଜୟଦେବ ଅଂଚଳକୁ ମଧ୍ୟ ସାମିଲ କରା ଯାଉ ବୋଲି ଦାବି କରିଛନ୍ତି ଜୟଦେବ ବିଧାୟକ ଅରବିନ୍ଦ ଢାଲୀ । ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ସେ କହିଛନ୍ତି ଯେ ମୋ ବସ ଯଦି ଜୟଦେବ ଅଂଚଳକୁ ଯାଆନ୍ତା ତେବେ ସେଠାକାର ଲୋକ ମାନେ ମଧ୍ୟ ଉପକୃତ ହୁଏନ୍ତେ। ତେଣୁ ଏ ଦିଗରେ ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି ।

## ଆଜି ଓଡିଶା ଆସିବେ ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ରାମ ମାଧବ

ଭୁବନେଶ୍ୱର, ୧୮।୨(ପି.ଏନ): ଆସନ୍ତାକାଲି (ବୁଧବାର) ଦିନିକିଆ ଓଡିଶା ଗସ୍ତରେ ଆସିବେ ସ୍ତମ୍ଭକାର, ବିଶିଷ୍ଟ ବୁଦ୍ଧିଜୀବୀ ତଥା ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଶ୍ରୀ ରାମ ମାଧବ । ଶ୍ରୀ ମାଧବ ଆସନ୍ତାକାଲି ସକାଳ ୯ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିବେ । ପରେ ଦିନ ୧୧ ଟା ସମୟରେ ଶ୍ରୀ ମାଧବ ରାଜ୍ୟ କାର୍ଯ୍ୟାଳୟ ଠାରେ ଦଳୀୟ କାର୍ଯ୍ୟକର୍ତାଙ୍କ ସହ ବୈଠକ କରିବେ । ଶ୍ରୀ ମାଧବ ଦିନ ୧ଟା ୩୦ରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରିବେ । ସଂଧ୍ୟା ୫.୪୫ ଟାରେ ଶ୍ରୀ ମାଧବ ଭୁବନେଶ୍ୱର ଠାରେ ଏକ ବୁଦ୍ଧିଜୀବୀ ସମ୍ମିଳନୀକୁ ସମ୍ବୋଧିତ କରି ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ ବୋଲି ବିଜେପି ରାଜ୍ୟ ମୁଖପାତ୍ର ଶ୍ରୀ ସୁଦୀପ୍ତ ରାୟ ସୂଚନା ଦେଇଛନ୍ତି ।

## ବେସରକାରୀ କଲେଜ ଅଧ୍ୟାପକ ଦରମାରେ ତାରତମ୍ୟ ଓ ଦରମା ମିଳି ନ ଥିବାରୁ ବିରୋଧୀ ଦଳର ନେତାଙ୍କ ଉଦବେଗ

ଭୁବନେଶ୍ୱର, ୧୮।୨(ପି.ଏନ): ସରକାରୀ ଓ ବେସରକାରୀ କଲେଜ ଅଧ୍ୟାପକ ମାନଙ୍କର ବେତନର ରହିଥିବା ତାରତମ୍ୟ ଓ ଅନେକ ମାସ ଧରି ବେସରକାରୀ କଲେଜର ଅଧ୍ୟାପକ ମାନଙ୍କୁ ବେତନ ମିଳି ନ ଥିବା ପ୍ରସଙ୍ଗ ଉଠାଇଛନ୍ତି ବିରୋଧୀ ଦଳର ନେତା ପ୍ରଦୀପ୍ତ ନାୟକ ।ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ ବିରୋଧୀ ଦଳର ନେତା କହିଛନ୍ତି ଯେ ସରକାରୀ କଲେଜରେ ଓ ବେସରକାରୀ କଲେଜରେ ଅଧ୍ୟାପନା କରୁଥିବା ଅଧ୍ୟାପକ ମାନେ ସମାନ କାମ କରୁଛନ୍ତି । ହେଲେ ସେମାନଙ୍କର ବେତନରେ ତାରତମ୍ୟ ରହିଛି । ସରକାରୀ କଲେଜର ଅଧ୍ୟାପକ ମାନେ ଅବସର ଗ୍ରହଣ କରିବା ବେଳେ ୧୫ ଲକ୍ଷ ଟଙ୍କା ପାଉଥିବା ବେଳେ ବେସରକାରୀ କଲେଜର ଅଧ୍ୟାପକ ମାନଙ୍କୁ ପାଂଚ ଲକ୍ଷ ଟଙ୍କା ମିଳୁଛି । ସେହିପରି ଅନେକ ବିଭାଗରେ ସପ୍ତମ ବେତନ କମିଶନର ସୁପାରିଶକୁ ଲାଗୁ କରା ଯାଇ ନ ଥିବାରୁ ଏହାକୁ ଲାଗୁ କରିବାକୁ ଶ୍ରୀ ନାୟକ ଦାବି କରିଛନ୍ତି ।

## ଆସନ୍ତା ବର୍ଷ ମିଳିବ କର୍ମଚାରୀଙ୍କ ବାକିଆ ଡିଏ

ଭୁବନେଶ୍ୱର, ୧୮।୨(ପି.ଏନ): ରାଜ୍ୟ ସରକାରୀ କର୍ମଚାରୀମାନଙ୍କର ୨୦୧୯ ଜୁଲାଇରୁ ୨୦୨୦ ଜାନୁଆରୀ ପର୍ଯ୍ୟନ୍ତ ବାକିଆ ଥିବା ମହଙ୍ଗା ଭତା (ଡିଏ) ଆସନ୍ତା ବର୍ଷ ପ୍ରଦାନ କରାଯିବ। ତେବେ ପେନସନ୍‌ଭୋଗୀ ମାନଙ୍କୁ ଏହି ବର୍ଷ ବାକିଆ ଡିଏ ଦିଆଯିବ ବୋଲି ଅର୍ଥ ବିଭାଗ ସଚିବ ଅଶୋକ ମୀନା ପ୍ରକାଶ କରିଛନ୍ତି। ବଜେଟ୍ ଉପସ୍ଥାପନ ହେବା ପରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ପ୍ରଶ୍ନର ଉତର ଦେଇ ସେ ଏହା କହିଛନ୍ତି। ବର୍ତମାନ ରାଜ୍ୟର ଋଣ ପରିମାଣ ୮୪,୬୭୬ କୋଟି ଟଙ୍କାରେ ପହଂଚିଛି। ୨୦୨୦ ,୩୧ ଡିସେମ୍ବର ସୁଦ୍ଧା ୧ ଲକ୍ଷ ୧୩ ୨୩୭ କୋଟି ଟଙ୍କାରେ ପହଂଚିବ ବୋଲି ଆକଳନ କରାଯାଇଛି।

# ୧୯,୪୦୮କୋଟି ଟଙ୍କାର କୃଷି ବଜେଟ୍

ଭୁବନେଶ୍ୱର,୧୮।୨(ପିଏନ):୨୦୨୦-୨୧ ଆର୍ଥିକ ବର୍ଷ ପାଇଁ କୃଷି ବଜେଟ୍ ନିମନ୍ତେ ୧୯୪୦୮କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଚାଷୀମାନଙ୍କ ଠାରୁ ଠିକ ସମୟରେ ଧାନ ସଂଗ୍ରହ ପାଇଁ ବଜେଟ ବର୍ହିଭୂତ ସମ୍ବଳରୁ ପ୍ରାୟ ୧୨ହଜାର କୋଟି ଟଙ୍କା ବ୍ୟୟ କରାଯିବ। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କୃଷି ବଜେଟ୍ ଉପସ୍ଥାପନ କରି ଏହା କହିଛନ୍ତି ।୨୦୦୦-୦୧ରୁ ୨୦୧୬-୧୭ ଆର୍ଥିକ ବର୍ଷ ମଧ୍ୟରେ ଓଡ଼ିଶାର କୃଷିଭିତିକ ଜିଡିପି ପ୍ରାୟ ଦୁଇଗୁଣିତ ହୋଇଛି। ଏହି ବାର୍ଷିକ ହାରାହାରି ଅଭିବୃଦ୍ଧି ହାର ଓଡ଼ିଶାରେ ୪.୫ ପ୍ରତିଶତ ଥିବାବେଳେ ସମଗ୍ର ଭାରତ ବର୍ଷରେ ଏହି ହାର ୩.୧ ପ୍ରତିଶତ ରହିଛି ।ସେ କହିଛନ୍ତି ଯେ କାଳିଆ ଯୋଜନାରେ ବର୍ତମାନ ସୁଦ୍ଧା ୪୩ଲକ୍ଷ କୃଷକଙ୍କୁ ସହାୟତା ଯୋଗାଇ ଦିଆଯାଇଛି ଓ ୫୧୧୫ କୋଟି ଟଙ୍କା ସେମାନଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଇଛି। ଏହି ଯୋଜନାରେ ଚଳିତ ବଜେଟ୍‌ରେ ୩୧୯୫ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।ସେ କହିଛନ୍ତି ଯେ ପରମ୍ପରାଗତ କୃଷି ବିକାଶ ଯୋଜନାରେ ୨୦୮୦୦ ହେକ୍ଟର ଜମିରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ପାଇଁ ୪୦କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଚାଷୀଙ୍କୁ ଆଗୁଆ ବିହନ ଯୋଗାଇ ଦେବା ପାଇଁ ୧୦୦କୋଟି ଟଙ୍କା ଓ ସାର ଯୋଗାଇବା ପାଇଁ ଆଉ ୧୦୦ କୋଟି ଟଙ୍କାର ରିଭଲବିଙ୍ଗ ଫଣ୍ଡର ବ୍ୟବସ୍ଥା କରାଯାଇଛି ।ସେ କହିଛନ୍ତି ଯେ ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାନରେ ପୁଞ୍ଜିବିନିଯୋଗ ପାଇଁ ୧୦୦ କୋଟି ଟଙ୍କାର ସବସିଡି ପ୍ରସ୍ତାବ ରହିଛି ଓ କୃଷି ଯନ୍ତ୍ରପାତି ଓ ଡିଜେଲ ପମ୍ପସେଟର ଲୋକପ୍ରିୟତା ବଢ଼ାଇବା ପାଇଁ ଆଉ ୨୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।ସେ କହିଛନ୍ତି ଯେ, କୃଷି ଗବେଷଣା, ଶିକ୍ଷା ଭିତିଭୂମିର ବିକାଶ ପାଇଁ ୧୫୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି, ଯାହା ୨୦୧୯-୨୦ ବର୍ଷ ବ୍ୟୟବରାଦର ୫ ଗୁଣ ଅଧିକ ।ସେ କହିଛନ୍ତି ଯେ, ଜିଲ୍ଲାସ୍ତରରେ କୃଷି ବୈଷୟିକ ପରିଚାଳନା ସଂସ୍ଥା ମାଧ୍ୟମରେ କୃଷି ସମ୍ପ୍ରସାରଣକୁ ପ୍ରୋତ୍ସାହିତ କରିବା ପାଇଁ ୧୫୦ କୋଟି ଟଙ୍କା ଓ ଜାତୀୟ କୃଷି ମିଶନରେ ୧୨୩କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି ।ସେ କହିଛନ୍ତି ଯେ, ୨୦୨୦-୨୧ ଆର୍ଥିକ ବର୍ଷରେ ଅତିରିକ୍ତ ୧ଲକ୍ଷ ୮୪ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଦେବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ଜଳସଂରକ୍ଷଣ, ଜଳ ବ୍ୟବହାର ଦକ୍ଷତା, ଜଳସେଚନ, ନଳ ଦ୍ୱାରା ପାନୀୟ ଜଳ ଯୋଗାଣ, ଶିଳ୍ପ କ୍ଷେତ୍ରରେ ଜଳ ବ୍ୟବହାରକୁ ସାମଗ୍ରୀକ ଭାବେ ଦୃଷ୍ଟିରେ ରଖି ସମସ୍ତ ମୁଖ୍ୟ ନଦୀମାନଙ୍କରେ ପାଂଚବର୍ଷ ମଧ୍ୟରେ ୧୨ ହଜାର କୋଟି ଟଙ୍କା ନିବେଶ କରି ଇନଷ୍ଟିମ ଷ୍ଟୋରେଜ ଷ୍ଟ୍ରକଚର(ଆଇଏସଏସ) ନିର୍ମାଣ କରାଯିବାର ପ୍ରସ୍ତାବ ରହିଛି। ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ୧୦୯୨କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି । ପିଏମକେଏସୱାଇ ମାଧ୍ୟମରେ ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରିତ ଜଳସେଚନ ସୁବିଧା ଯୋଜନାରେ ସମ୍ପୂର୍ଣ୍ଣ କରିବା ପାଇଁ ୧୮୧୧କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ଏବଂ ରାଜ୍ୟ ପାଣ୍ଠିରୁ ପ୍ରଚଳିତ ଜଳକ୍ଷେତ୍ର ଭିତିଭୂମି ଉନ୍ନୟନ କାର୍ଯ୍ୟକ୍ରମ ଅଧିନରେ ନିର୍ମାଣାଧିନ ଓ ନୂତନ ପ୍ରକଳ୍ପ ପାଇଁ ୯୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହାବାଦ ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ ପାଇଁ ୧୦୬୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପାର୍ବତୀଗିରି ବୃହତ ଉଠାଜଳସେଚନ ପ୍ରକଳ୍ପ ଅଧିନରେ ୩୩ଗୋଟି ଚାଲୁ ରହିଥିବା ପ୍ରକଳ୍ପଗୁଡ଼ିକୁ ପୁରା କରିବା ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ୫୪୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।କାଳିଆ ଯୋଜନା ଅଧିନରେ କୃଷକମାନଙ୍କୁ ୦ ପ୍ରତିଶତ ଋଣ ଉପଲବ୍ଧ କରିବା ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ତେଣୁ ଇଣ୍ଟ୍ରେଷ୍ଟ ସବସିଡି ଯୋଜନାରେ କୃଷକମାନଙ୍କୁ ସୁଧ ରିହାତି ନିମନ୍ତେ ୭୦୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାରେ କୃଷକମାନଙ୍କୁ ତ୍ୱରିତ ସହାୟତା ଓ ପର୍ଯ୍ୟାପ୍ତ କ୍ଷତିପୂରଣ ନିମନ୍ତେ ୭୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୨୦୨୦-୨୧ ଆର୍ଥିକ ବର୍ଷରେ ଏଥିରେ ୨୭ଲକ୍ଷ ଚାଷୀଙ୍କୁ ବୀମାଭୁକ୍ତ କରିବାର ଲକ୍ଷ୍ୟ ରଖାଯାଇଛି। ଓଡ଼ିଶା ମିଲେଟ୍ ମିଶନ ପାଇଁ ୧୦୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମତ୍ସ୍ୟ ପଶୁ ପାଳନ କ୍ଷେତ୍ରରେ ବ୍ୟୟ ବରାଦକୁ ବୃଦ୍ଧି କରାଯାଇ ୧୨୧୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି ।ଶ୍ୱେତ ବିପ୍ଳବ ଯୋଜନାରେ ଗୋପାଳନ ଉନ୍ନୟନ ଓ ପଶୁଧନ ପରିଚାଳନା ପାଇଁ ୧୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବାବେଳେ ଉନ୍ନତମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମିତ ଓମଫେଡ଼ ଦ୍ୱାରା ୫ଲକ୍ଷ ଏଲପିଡି ବିଶିଷ୍ଟ ଡ୍ୟାରି ପ୍ଲାଂଟ ପ୍ରତିଷ୍ଠା ପାଇଁ ଆରଆଇଡିଏଫ ସହାୟତାରେ ୫୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

## ଆଜିଠାରୁ ମାଟ୍ରିକ୍ ପରୀକ୍ଷା

ଭୁବନେଶ୍ୱର,୧୮।୨(ପି.ଏନ): ଆସନ୍ତାକାଲିଠାରୁ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ମାଟ୍ରିକ୍ ପରୀକ୍ଷା ଆରମ୍ଭ ହେବ। ଏଥିନେଇ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ମହାନ୍ତି ମାଟ୍ରିକ୍ ପରୀକ୍ଷାର୍ଥୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ମନ୍ତ୍ରୀ ପିଲାଙ୍କୁ ଋପମୁକ୍ତ ହୋଇ ପରୀକ୍ଷା ଦେବାକୁ ପରାମର୍ଶ ଦେଇ କହିଛନ୍ତି ଯେ ଏହା ଜୀବନର ପ୍ରଥମ ପରୀକ୍ଷା ତେଣୁ ଋପମୁକ୍ତ ହୋଇ ପରୀକ୍ଷା ଦିଅନ୍ତୁ। ପରୀକ୍ଷା ପରିଚାଳନା ନେଇ ମନ୍ତ୍ରୀ କହିଛନ୍ତି ଯେ ଏଥିପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ହୋଇଛି ।୧୦୦୦ ସେଂଟରରେ ସିସିଟିଭି ଲାଗିଛି। ଅଧ୍ୟାପକ ମାନଙ୍କୁ ନେଇ ସ୍କ୍ୱାର୍ଡ ଗଠନ ହୋଇଛି । ସବୁସ୍ଥାନକୁ ପ୍ରଶ୍ନପତ୍ର ପହଂଚି ସାରିଛି। ଶୃଙ୍ଖଳାର ସହିତ ପରୀକ୍ଷା ପାଇଁ ସବୁ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି ।ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଫେବୃଆରୀ ୧୯ ରୁ ମାର୍ଚ୍ଚ ୨ ତାରିଖ ମଧ୍ୟରେ ଅନୁଷ୍ଠିତ ହେବ। ଏକ ସମୟରେ ହାଇସ୍କୁଲ୍, ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ମଧ୍ୟମା ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷା ଖାତା ମୂଲ୍ୟାୟନ ମାର୍ଚ୍ଚ ୧୮ ତାରିଖରୁ ଏପ୍ରିଲ୍ ୧୦ ତାରିଖ ମଧ୍ୟରେ ହେବ। ଚଳିତ ବର୍ଷ ସମୁଦାୟ ୫,୬୦,୯୦୫ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ। ଏମାନଙ୍କ ମଧ୍ୟରେ ୫,୪୭,୭୬୧ ଜଣ ହାଇସ୍କୁଲ୍, ୯,୭୭୧ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଏବଂ ୩,୩୩୭ ଜଣ ମଧ୍ୟମା ପରୀକ୍ଷାର୍ଥୀ ଅଛନ୍ତି । ଏମାନଙ୍କ ପାଇଁ ସମୁଦାୟ ୨,୮୮୮ ଟି ପରୀକ୍ଷା କେନ୍ଦ୍ର, ୩୦୭ଟି ନୋଡାଲ୍ କେନ୍ଦ୍ର ଏବଂ ୬୧ ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି । ପରୀକ୍ଷା ଉପରେ ନଜର ରଖିବା ପାଇଁ ଜିଲ୍ଲାସ୍ତରରେ ୬୯ଟି ଫ୍ଲାଇ ସ୍କାର୍ଡ ଏବଂ ବୋର୍ଡ ସ୍ତରରେ ୪୪ଟି ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇଛି। ଏହାଛଡା ଆବଶ୍ୟକ ପରିମାଣର ପୋଲିସ୍ ପଇଁତରା ଏବଂ ସ୍କ୍ୱାର୍ଡ ଗଠନ କରାଯାଇଛି।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡ଼ା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

## ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟଫ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

## ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥେଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

## ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖାଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତ୍ତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତ୍ତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

## ଦାନ୍ତରେ ଟାଟୁ



ଅତ୍ୟାଧୁନିକା ମହିଳାମାନେ ସବୁବେଳେ ଚାହାନ୍ତି କେମିତି ନିଜକୁ ଭିନ୍ନ ଶୈଳୀରେ ପ୍ରଦର୍ଶିତ କରିବେ ଏବଂ ଶରୀରର ସୌନ୍ଦର୍ଯ୍ୟ ବୃଦ୍ଧି କରିବେ। ଆଜିକାର ଫ୍ୟାଶନ ଯୁଗରେ ଏଭ୍ରି ଅଡ୍ ଇଜ୍ ଏ ଷ୍ଟାଇଲକୁ ମଧ୍ୟ କେତେକ ଗ୍ରହଣ କରି ସେହିପରି ଢଙ୍ଗରେ ନିଜକୁ ସଜାଉଛନ୍ତି। ଏବେ ଏବେ ସୌନ୍ଦର୍ଯ୍ୟ ସଚେତନ ତରୁଣୀମାନେ ଦାନ୍ତରେ ଟାଟୁ ଆଙ୍କିବା ଦିଗରେ ବେଶି ଢଳୁଥିବା ପରିଲକ୍ଷିତ ହେଉଛି, ଯେମିତି କିଛି ବର୍ଷ ତଳେ 'ନାହିମୁଦି' ଫ୍ୟାଶନ ଅନେକଙ୍କୁ କିମିଆ କରିଥିଲା। ଦାନ୍ତରେ ଟାଟୁ ଆଙ୍କିବା ନୂଆ କଥା ନୁହେଁ। ଆଠଦଶ ବର୍ଷ ତଳେ ଦାନ୍ତରେ ଟାଟୁ କରି ହିପ୍‌ହପ୍ ଗାୟିକା, ନୃତ୍ୟଙ୍ଗନା ଓ ମେଡଲମାନେ ବିଭିନ୍ନ ଶୋ'କୁ ଆସିବା ପରେ ଏହାର ଚାହିଦା ବଢିବଢି ଚାଲିଛି। କିଶୋରୀ, କଲେଜ ଛାତ୍ରୀଠୁ ଆରମ୍ଭ କରି ପଇଁତିରିଶ ବର୍ଷ ଭିତରର ମହିଳାଙ୍କୁ ଦାନ୍ତରେ ଟାଟୁ ବେଶ୍ ମାନିବ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞମାନେ କହନ୍ତି। ଅସ୍ଥାୟୀ ଓ ସ୍ଥାୟୀ ଭାବେ ଦାନ୍ତରେ ଟାଟୁ କରିହେବ।

## ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

## ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭ୍ରାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ କ୍ଲିନିକ ଓ୍ୱେସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବୁକ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।




# ବାଲେଶ୍ୱରରେ ନାଗରିକତା ସଂଶୋଧନ ଆଇନ ସଚେତନତା ଶୋଭାଯାତ୍ରା

ବାଲେଶ୍ୱର(ପିଏନ) :ଦେଶର ବିଭାଜନ ଧର୍ମ ଆଧାରରେ ହେବା କଥା ନହୁଁ କିନ୍ତୁ କଂଗ୍ରେସ ଧର୍ମ ଆଧାରରେ ଦେଶକୁ ବିଭାଜନ କରିଛି । ଆଉ ଏବେ କ୍ଷମତା ହାସଲ କରିବା ପାଇଁ ନାଗରିକତା ସଂଶୋଧନ ଆଇନ ନାଁରେ ହୀନ ରାଜନୀତି କରି ଦେଶର ଜନତାଙ୍କୁ ବିଭ୍ରାନ୍ତ କରିଚାଲିଛି । ନାଗରିକତା ପ୍ରଦାନ କରିବା ପାଇଁ ହୋଇଛି ନାଗରିକତା ସଂଶୋଦନ ଆଇନ। କିନ୍ତୁ ବିରୋଧୀ କଂଗ୍ରେସ ସମେତ କିଛି ଆଞ୍ଚଳିକ ଦଳ ଦେଶର ଜନତାଙ୍କୁ ବିଭ୍ରାନ୍ତ କରି ହିଂସା ସୃଷ୍ଟି କରୁଛନ୍ତି । ଭାରତର ପଡ଼ୋଶୀ ଦେଶ ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶରୁ ଧାର୍ମିକ ନିର୍ଯ୍ୟାତନାର ଶିକାର ହୋଇ ଭାରତକୁ ଆସିଥିବା ସଂଖ୍ୟାଲଘୁ ବର୍ଗର ଶରଣାର୍ଥୀମାନଙ୍କୁ ନାଗରିକାତା ପ୍ରଦନା କରାଯିବାର ବ୍ୟବସ୍ଥା ଏହି ଆଇନରେ ରହିଛି ବୋଲି ବାଲେଶ୍ୱରଠାରେ ଆୟୋଜିତ ନାଗରିକତା ସଂଶୋଧନ ଆଇନ ସଚେତନା ରାଲିରେ ଯୋଗଦେଇ କହିଛନ୍ତି ରାଜ୍ୟ ସଭାପତି ସମୀର ମହାନ୍ତି । ଶ୍ରୀ ମହାନ୍ତି କହିଛନ୍ତି ଯେ, ନାଗରିକତା ସଂଶୋଧନ ଆଇନ ଦ୍ୱାରା ୩୧ ଡିସେମ୍ବର ୨୦୧୪ ସୁଦ୍ଧା ଧାର୍ମିକ ଉତ୍ପୀଡ଼ନର ଶିକାର ହୋଇ ଆସିଥିବା ପାକିସ୍ତାନ, ଆଫଗାନିସ୍ତାନ ଏବଂ ବାଂଲାଦେଶର ହିନ୍ଦୁ, ଶିଖ, ବୌଦ୍ଧ, ଜୈନ, ଇସାଇ ଏବଂ ପାର୍ସୀ ଶରଣାର୍ଥୀଙ୍କୁ ନାଗରିକତା ପ୍ରଦାନ କରାଯିବ । ନାଗରିକତା ସଂଶୋଧନ ଆଇନ ଦ୍ୱାରା କୌଣସି ଭାରତୀୟଙ୍କର ଅଧିକାର କ୍ଷୁର୍ଣ୍ଣ ହେବନି । ଏହି ଆଇନ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଗୃହମନ୍ତ୍ରୀ ଅମିତ ଶାହା ସମସ୍ତ ଦଳକୁ ଆହ୍ୱାନ ଦେିଥବଲେ । କିନ୍ତୁ ବିରୋଧୀ ତାହା ନକରି ରାଜରାସ୍ତାରେ ଜନତାଙ୍କୁ ବିଭ୍ରାନ୍ତି କରି ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି । ସିଏଏକୁ କିଭଳି ବିରୋଧୀ ଆସାମ୍ବିଧାନିକ ବୋଲି କହୁଛନ୍ତି ତାହା ସ୍ପଷ୍ଟ କରିବାକୁ ଶ୍ରୀ ମହାନ୍ତି ଆହ୍ୱାନ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ରାଷ୍ଟ୍ର ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଛି । ସବକା ସାଥ- ସବକା ବିକାଶ ସବକା ବିଶ୍ୱାସର ମୂଳମନ୍ତ୍ରକୁ ଆଦାର କରି ମୋଦି ସରକାର ଦେଶକୁ ବିକାଶର ପଥର ଆଗେଇ ନେଇ ଚାଲିଛନ୍ତି । ତିନି ତଲାକ ଆଇ ଆଣିବା, ୩୦୭ ଏବଂ ୩୫ (କ) ଧାରା କାଶ୍ମିରୀରୁ ଉଠାଇବା, ରାମ ମନ୍ଦିର ନିର୍ମାଣ ଏବଂ ଏବେ ନାଗରିକତା ସଂଶୋଧନ ଆଇନ ଆଣି ଦେଶ ସୁରକ୍ଷା ଦିଗରେ ମୋଦି ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମହାନ୍ତି କହିଥିଲେ । ଏହି ଆଇ ନସଂପର୍କରେ ପ୍ରତି ଗ୍ରାମରେ ଜନସଚେତନତା ସୃଷ୍ଟ କରିବା ଦରକାର ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପତାପ ଷଡ଼ଙ୍ଗୀ କହିଥିଲେ । ନାଗରିକତା ସଂଶୋଧନ ଆଇନକୁ ସମର୍ଥନ କରି ଏକ ବିରାଟ ଶୋଭାଯାତ୍ରା ଟେକ୍ନିକାଲ ପଡ଼ିଆରୁ ବାହାରି କଚେରୀ ଛକ, ଫକୀରମୋହନ ଛକ, ଷ୍ଟେସନ ଛକ, ମେଡ଼ିକାଲ ଛକ ଦେଇ ସଭାସ୍ଥଳ ପର୍ଯ୍ୟନ୍ତ ଆସଥିଲା । ସମାବେଶ ପୂର୍ବରୁ ନବନିର୍ବାଚିତ ସଭାପତି ସମୀର ମହାନ୍ତିଙ୍କୁ ବାଲେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ବାଲେଶ୍ୱର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବଡସାହି ବିଧାୟକ ସନାତନ ବିଜୁଳି, ପଦ୍ମଲୋଚନ ପଣ୍ଡା, ରଘୁନାଥ ମହାନ୍ତି, ରାକେଶ ମଲ୍ଲିକ, ପୂର୍ବତନ ବିଧାୟକ ଗୋବିନ୍ଦ ଦାସ, ଅଂଶୁମାନ ମହାନ୍ତି, ଶୋଭନା ମହାନ୍ତି, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଂଜିତ ଦାସଙ୍କ ସମତେ ଜିଲ୍ଲାର ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଧର୍ମଶାଳା : ୩୧୭୦ ମାଟ୍ରିକ ପରୀକ୍ଷାର୍ଥୀ, ୬ଟି କେନ୍ଦ୍ରରେ ଲାଗିବ ସିସି କ୍ୟାମେରା

ଧର୍ମଶାଳା,୧୮।୨(ପିଏନ୍): ଧର୍ମଶାଳା ବ୍ଲକ୍‌ର ୧୮ଟି ପରୀକ୍ଷା କେନ୍ଦ୍ରରେ ୩୧୭୦ ଜଣ ମାଟ୍ରିକ ପରୀକ୍ଷାର୍ଥୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷା ଦେବେ । ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି । ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହେବ । ଧର୍ମଶାଳା ବାଣୀପୀଠରେ ୧୪୫ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବା ପାଇଁ ବ୍ୟବସ୍ଥା ହୋଇଥିବା ବେଳେ ଜାରକା ହାଇସ୍କୁଲରେ ୧୫୧, କାଏମା ଲାଲବାହାଦୁର ହାଇସ୍କୁଲରେ ୨୬୨, ନହଙ୍ଗାପାଟଣା ୟୁଜିପିଏଲ୍‌ଏନ୍ ହାଇସ୍କୁଲରେ ୧୩୧, ନେଉଳପୁର ନୀଳସୁନ୍ଦର ହାଇସ୍କୁଲରେ ୧୪୪, ନରସିଂହପୁର ପଞ୍ଚାୟତ ହାଇସ୍କୁଲରେ ୧୪୫, ମିର୍ଜାପୁର ଶ୍ୟାମସୁନ୍ଦର ହାଇସ୍କୁଲରେ ୨୬୯, କୋଟପୁର ଜାଗୁଲାଇ ହାଇସ୍କୁଲରେ ୧୭୯, ଆରୁହା ହାଇସ୍କୁଲରେ ୧୬୬, ବାଘୁଆ ବ୍ରାହ୍ମଣୀଦେବୀ ହାଇସ୍କୁଲରେ ୧୪୮, ବଳରାମପୁର ହାଇସ୍କୁଲରେ ୧୭୬, ମୁରାରୀପୁର ଗୋପାଳଜୀଉ ହାଇସ୍କୁଲରେ ୧୩୩, ଜେନାପୁର ହାଇସ୍କୁଲରେ ୨୧୬, କବାଟବନ୍ଧ ହାଇସ୍କୁଲରେ ୧୩୭, ମଧୁପୁରଗଡ ହାଇସ୍କୁଲରେ ୧୮୨, ରେଖିଦେଇପୁର ପଞ୍ଚାୟତ ହାଇସ୍କୁଲରେ ୧୫୦, ଅଣ୍ଡିଆ ପଞ୍ଚାୟତ ହାଇସ୍କୁଲରେ ୨୨୪ ଓ ବାଟିଯୋଡା ସ୍ୱପ୍ନେଶ୍ୱର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୧୭୫ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ । ଚଳିତ ବର୍ଷ ପରୀକ୍ଷାକୁ ଅଧିକ ସ୍ୱଚ୍ଛ କରିବା ନିମନ୍ତେ ପରୀକ୍ଷା କେନ୍ଦ୍ର ଗୁଡିକରେ ସିସି କ୍ୟାମେରା ଲଗାଯିବା ନିମନ୍ତେ ଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତି ନିଆଯାଇଛି । ଧର୍ମଶାଳା ବ୍ଲକର ମୋଟ ୧୮ଟି କେନ୍ଦ୍ର ମଧ୍ୟରୁ ୬ଟି କେନ୍ଦ୍ରରେ ଅସ୍ଥାୟୀ ଭାବରେ ପରୀକ୍ଷା ଶେଷ ପର୍ଯ୍ୟନ୍ତ ସିସି କ୍ୟାମେରା ଲଗାଯିବା ନିମନ୍ତେ ବିଭାଗ ନିଷ୍ପତି ନେଇଛି । ଏନେଇ କେଉଁ କେଉଁ କେନ୍ଦ୍ରରେ ସିସି କ୍ୟାମେରା ଲଗାଯିବ ସେ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ ସିଆରସିସି ମାନଙ୍କୁ ଗତ ମାସକ ତଳୁ ପତ୍ର ଜରିଆରେ ଜଣାଇ ଦିଆଯାଇଛି । ସମ୍ପୃକ୍ତ କେନ୍ଦ୍ର ଗୁଡିକର ସୁପରଟେଣ୍ଡେ ତଥା ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ କ୍ୟାମେରା ସଂଯୋଗକାରୀ ଭେଣ୍ଡର ସଂସ୍ଥାକୁ ସହଯୋଗ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । ଏହି କ୍ରମରେ ମିର୍ଜାପୁରର ଶ୍ୟାମସୁନ୍ଦର ନୋଡାଲ ହାଇସ୍କୁଲ, ଜେନାପୁର ହାଇସ୍କୁଲ, ନରସିଂହପୁରର ପଞ୍ଚାୟତ ନୋଡାଲ ହାଇସ୍କୁଲ, କାଏମାର ଲାଲବାହାଦୁର ହାଇସ୍କୁଲ, ମୁରାଲିପୁରର ଗୋପାଳଜୀଉ ନୋଡାଲ ହାଇସ୍କୁଲ ଓ କବାଟବନ୍ଧ ନୋଡାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା ଲାଗିବା ନିମନ୍ତେ ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ପର୍ଯ୍ୟାୟରେ ସିସି କ୍ୟାମେରା ଲଗାଇବା ସଂସ୍ଥା ଏହି ସବୁ ସ୍କୁଲ ପରିଦର୍ଶନ କରି ଫେରିଥିବା ଜଣାଯାଇଛି । ଗତ ବର୍ଷ ପରୀକ୍ଷା କେନ୍ଦ୍ରର ପରୀକ୍ଷା ପରିଚାଳନା, କେନ୍ଦ୍ର ଉପରେ ଜନସାଧାରଣଙ୍କ ହସ୍ତକ୍ଷେପ ସହ ଅନ୍ୟାନ୍ୟ ସମସ୍ୟା ପାଇଁ ଏହି କ୍ୟାମେରା ଲଗାଯାଉଥିବା ଜଣାଯାଇଛି । ତେବେ ଏହା ବାଦ୍ ଆହୁରି ଅନେକ କେନ୍ଦ୍ର ରହିଛି ଯେଉଁଠି ପୂର୍ବ ବର୍ଷ ସଠିକ ଭାବରେ ପରୀକ୍ଷା ପରିଚାଳନା ହୋଇନଥିଲା ଏବଂ ବ୍ୟାପକ ଅନିୟମିତତା ଦେଖାଯାଇଥିଲା । ଉକ୍ତ କେନ୍ଦ୍ର ଗୁଡିକରେ କ୍ୟାମେରା ଲଗାଇବା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଉ ବୋଲି ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ସୁରକ୍ଷା ଅବହେଳାରୁ ବିଆର୍‌ପିଏଲ୍ କମ୍ପାନୀ ପରିସରରେ ଦୁର୍ଘଟଣା ପରେ

# କାରଖାନା ଓ ବାଷ୍ପିତ ଉପନିର୍ଦ୍ଦେଶକ ତଦନ୍ତ କଲେ

କେନ୍ଦୁଝର,(ପିଏନ): କେନ୍ଦୁଝର ଜିଲ୍ଲା ବଡବିଲ ନିକଟସ୍ଥ ଟଂଟୋଠାରେ ଥିବା ବିଆରପିଏଲ୍ ବେନିଫିକେଶନ ପ୍ଲାଂଟ ପରିସରରେ ରବିବାର ଦିନ ସକାଳ ୭ଟା ୩୦ରେ ଟ୍ରକ ଧକ୍କାରେ ଜଣେ ହେଲପର ସୁନିଲ କୁମାର (୩୬) ମୃତ୍ୟୁ ହୋଇଛି । ଏଡାକୁ ନେଇ କାରଖାନା ପରିସରରେ କିଛି ସମୟ ପାଇଁ ଉତେଜନା ପ୍ରକାଶ ପାଇଥିଲା । କମ୍ପାନୀର ଦାୟିତ୍ୱହୀନତା ଏବଂ ସୁରକ୍ଷାଜନିତ ତୃଟି ଯୋଗୁଁ ଦୂର୍ଘଟଣା ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସୋମବାର ଦିନ ଯାଜପୁର ରୋଡ ସ୍ଥିତ କାରଖାନା ଓ ବାଷ୍ପିତ ଉପ ନିର୍ଦ୍ଦେଶକ ଇଂ ଉମେଶ ଚନ୍ଦ୍ର ସୂତାର କାରଖାନାରେ ପହଁଚି ତଦନ୍ତ ଆରମ୍ଭ କରିଛନ୍ତି । ତଦନ୍ତକୁ ଦୃଷ୍ଟିରେ ରଖି ସୋମବାର ଦିନ କାରଖାନାର ମାଲ ପାରିବହନ ସଂପୂର୍ଣ୍ଣ ବନ୍ଦ ରହିଛି । ବଡିବଲ ପୋଲିସ ମଧ୍ୟ ଏକ ମାମଲା ରୁଜ୍ଜୁ କରି ଦୂର୍ଘଟଣା ଘଟାଇଥିବା ୧୪ଚକିଆ ଟ୍ରକ ଜବତ୍ କରିବା ସହ ଡ୍ରାଇଭରକୁ ଗିରଫ କରିଛି । ସୁରକ୍ଷା ବ୍ୟବସ୍ଥାରେ ଢିଲା ଯୋଗୁଁ କମ୍ପାନୀ ପରିସରରେ ଏପରି ଅଘଟଣ ହୋଇଥିବା ଅଭିଯୋଗ ହୋଇଛି । ଶୃଙ୍ଖଳିତ ଲୋଡିଂ ଏବଂ ଅନଲୋଡିଂ ପ୍ରତି କମ୍ପାନୀ ଅଣଦେଖା କରିଥିବାରୁ ଜଣେ ନୀରିହ ଲୋକର ଜୀବନ ଗଲା ବୋଲି ବରିଷ୍ଠ କଂଗ୍ରେସ ନେତା ଯଦୁମଣୀ ବାରିକ ଅଭିଯୋଗ କରିଛନ୍ତି । ଏପରିକି ଦୂର୍ଘଟଣା ପରେ ତ୍ୱରିତ ଆମ୍ବୁଲାନ୍ସ ସେବା ଯୋଗାଇବାରେ କମ୍ପାନୀ ବିଫଳ ହୋଇଛି । ଦୂର୍ଘଟଣାରେ ଛଟପଟ ହେଉଥିବା ହେଲପର ସୁନିଲ କୁମାରକୁ ୧ ଘଂଟା ବିଳମ୍ବରେ ଆମ୍ବୁଲାନ୍ସ ଗାଡି ଆସିବାରୁ ବିଳମ୍ବିତ ଚିକିତ୍ସା ଯୋଗୁଁ ତାର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏହି ଘଟଣାରେ ଦାୟିତ୍ୱରେ ଅବହେଳା କରିଥିବା ସେଫଟି ଅଫିସର ଏବଂ ସିକ୍ୟୁରିଟି ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଶ୍ରୀ ବାରିକ ଦାବୀ କରିଛନ୍ତି । କାରଖାନା ପରିସରରେ ସୁରକ୍ଷା ବ୍ୟବସ୍ଥା ଠିକ୍ ଭାବରେ ତଦାରଖ କରାଯାଉନଥିବାରୁ ଏଭଳି ଅଘଟଣ ହୋଇଥିବା ଆଲୋଚନା ହେଉଛି । ମୃତ ହେଲପରର ଘର ଉତରପ୍ରଦେଶ ହୋଇଥିବାବେଳେ ପରିବାର ପ୍ରତିପୋଷଣ ପାଇଁ ଟ୍ରକରେ ହେଲପର କାର୍ଯ୍ୟକରି ଗତ କିଛି ମାସ ହେବ ବଡବିଲରେ ତାଙ୍କର ସ୍ତ୍ରୀ, ୨ପୁଅ ଓ ୨ଝିଅ ସହ ରହୁଥିଲେ । ସୁନିଲ କୁମାର ଦୂର୍ଘଟଣାରେ ମୃତ୍ୟୁବରଣ କରିବା ପରେ ତାଙ୍କ ପରିବାର ପ୍ରତିପୋଷଣ କମ୍ପାନୀ ଦାୟିତ୍ୱ ନେବାକୁ ତାଙ୍କ ଭାଇ ପ୍ରଦୀପ କୁମାର ଦାବୀ କରିଛନ୍ତି ।

ସୂଚନା ଯୋଗ୍ୟ ଯେ, କେନ୍ଦୁଝର ଜିଲ୍ଲାର ବଡବିଲ ନିକଟସ୍ଥ ଭଦ୍ରାସାହି-କୋଇଡା ରାସ୍ତାର ଟଂଟୋଠାରେ ଏହି ବିଆର୍‌ପିଏଲ୍ କମ୍ପାନୀ ଏକ ବେନିଫିକେଶନ ପ୍ଲାଂଟ କରିଛି । ଏହି ବେନିଫିକେଶନ ପ୍ଲାଂଟ ଦ୍ୱାରା ବିଭିନ୍ନ ଖଣିମାନଙ୍କଠାରୁ ଲୁହାପଥର ଆଣି ଏହାକୁ ବିଶୋଧନ କରିବା ପରେ ପାଇପ୍ ଯୋଗେ ଲୁହାପଥରକୁ ସ୍ଲରି ଆକାରରେ ଯାଜପୁର ଜିଲ୍ଲାର କଳିଙ୍ଗନଗରକୁ ପଠାଉଛି । ସେଠାରେ ଲୌହ ଉତ୍ପାଦନ କରାଯିବା ପରେ ବିପୁଳ ପରିମାଣର ଲାଭ ଉଠାଉଛି ଏହି ବିଆର୍‌ପିଏଲ୍ କମ୍ପାନୀ । ଲୁହାପଥର ପରିବହନଠାରୁ ଆରମ୍ଭ କରି ବିଶୋଧନ ପର୍ଯ୍ୟନ୍ତ କେନ୍ଦୁଝର ଜିଲ୍ଲାର ବିଶେଷ ଉପକାର ହେଉନଥିବାବେଳେ ଏହାକୁ ନେଇ ଧୂଳିଧୂଆଁଠାରୁ ଆରମ୍ଭ କରି ବେକାରୀ ସମସ୍ୟା ମଧ୍ୟକୁ ଠେଲି ଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି । ସ୍ଲରି ପାଇପ ଲାଇନ ପାଇଁ ବୈତରଣୀ ନଦୀରୁ କମ୍ପାନୀ ଜଳ ନେଉଥିବାରୁ ଖରା ଦିନରେ ବୈତରଣୀ ନଦୀ ଶୁଷ୍କ ହୋଇଯାଉଛି । କାରଖାନାକୁ ନଦୀ ଜଳ ଖରା ଦିନରେ ନଦେବା ପାଇଁ ବାରମ୍ବାର ଦାବୀ ସତ୍ତ୍ୱେ ଜଳସମ୍ପଦ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନଥିବା ବଡବିଲ ସିଭିଲ ସୋଇଟିର ଆବାହକ ଅଶୋକ ଠକ୍କର ଅଭିଯୋଗ କରିଛନ୍ତି । ସରକାର ଖରା ଦିନରେ କମ୍ପାନୀକୁ ନଦୀ ଜଳ ଦେବା ବନ୍ଦ ନକଲେ ଆଗାମି ଦିନରେ ନଦୀ ସୁରକ୍ଷା ଆନ୍ଦୋଳନକୁ ଯୋରଦାର କରାଯିବ ବୋଲି ଶ୍ରୀ ଠକ୍କର କହିଛନ୍ତି ।

## ନୂତନ ହନୁମାନ ମନ୍ଦିରର ଶୁଭ ଭିତି ପ୍ରସ୍ତର ସ୍ଥାପନ

ନେଉଳପୁର, ୧୮/୨(ପି.ଏନ)- ବଡଚଣା ବ୍ଲକ ଦେଉଳପୁର ଗ୍ରାମ ନିକଟସ୍ଥ ପୁରାଣ ପ୍ରସିଦ୍ଧ ବେଦୀହୁଡା ପୀଠ ଠାରେ ସୋମାବର ସକାଳେ ଏକ ହନୁମାନ ମନ୍ଦିରର ନିର୍ମାଣର ଭିତି ପ୍ରସ୍ତର ସ୍ଥାପନ କରାଯାଇଛି । ସକାଳ ୧୦ ଘଟିକା ଠାରୁ ସୂର୍ଯ୍ୟ ପୂଜା, ଗୋପୂଜା, ଗୀତାପାଠ, ହୋମ ଯଜ୍ଞ ଓ ଗୀତାପାଠ କରାଯାଇଥିଲା । ପଣ୍ଡିତ ବୃନ୍ଦାବନ ଓତାଙ୍କ ତତ୍ୱବଧାନରେ ସହକାରୀ ପଣ୍ଡିତ ସୌମ୍ୟ ରଞ୍ଜନ ଓତା ଓ ଗିରିଜା ଦାସ ପୂଜା କାର୍ଯ୍ୟ ତୁଲାଇ ଥିଲେ । କର୍ତା ଭାବେ ସଞ୍ଜୟ କୁମାର ସାହାଣୀ ଓ କର୍ତୀ ଭାବେ ପ୍ରିୟଦର୍ଶିଣି ସାହାଣୀ ଦାୟିତ୍ୱ ନିର୍ବାହ କରିଥିଲେ । ଅବଦରପ୍ରାପ୍ତ ପୋଲିସ ଅଧିକାରୀ ଯୁଗଳ କୀଶୋର ପରିଡା , ସମାଜସେବୀ ପ୍ରଦୀପ୍ତ ପ୍ରଧାନ, ଶରତ ଚନ୍ଦ୍ର ପରିଡା, ହିମାଂଶୁ ସାହାଣୀ, ହୃଷିକେଶ ସାହୁ, ଚିନ୍ତାମଣି ଦାସ, ତ୍ରିଲୋଚନ ସାହୁ ଓ ଶୁକଦେବ ପ୍ରଧାନଙ୍କ ସମେତ ନିକଟସ୍ଥ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ଆଜି ମାଟ୍ରିକ ପରୀକ୍ଷା, ୨୨ କେନ୍ଦ୍ରରେ ୩୭୧୫ ପରୀକ୍ଷାର୍ଥୀ

ନେଉଳପୁର, ୧୮/୨(ପି.ଏନ)- ବଡଚଣାରେ ୨୨ଟି ପରୀକ୍ଷା କେନ୍ଦ୍ରର ବୁଧବାର ୩୭୧୫ ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବେ । ନିୟମିତ ପାର୍ଥୀ ମାନଙ୍କ ପାଇଁ ୧୯ଟି କେନ୍ଦ୍ର ଥିଲା ବେଳେ ମୁକ୍ତ ବିଦ୍ୟାଳୟ ପରୀକ୍ଷାର୍ଥୀଙ୍କ ପାଇଁ ଏକମାତ୍ର କେନ୍ଦ୍ର ଧାନମଣ୍ଡଳ ହାଇାସ୍କୁଲରେ କରାଯାଇଛି । ସେହିପରି ବଡଚଣା ବ୍ଲକ ଅଂଚଳର ଦୁଇଟି ବରୀ ବ୍ଲକର ଦୁଇଟି ଓ ଧର୍ମଶାଳା ବ୍ଲକର ଗୋଟିଏ ମଧ୍ୟମା ବିଦ୍ୟାଳୟନ ପରୀକ୍ଷାର୍ଥୀଙ୍କ ପାଇଁ ବଡଚଣା ମହାବିନାୟକ ବିଦ୍ୟାୟନକୁ ଚୟନ କରାଯାଇଛି । ଏହି ବିଦ୍ୟାଳୟକୁ ମଧ୍ୟ ନୋଡାଲ ସେଂଟର ଭାବେ ନିଆଯାଇ ୨୨ଟି କେନ୍ଦ୍ରର ପ୍ରଶ୍ନପତ୍ର ଗତ ୧୪ତାରିଖ ଠାରୁ ରଖାଯାଇଛି । ସେହିପରି ୨୨ଟି କେନ୍ଦ୍ରରୁ ୭ଟି କେନ୍ଦ୍ରରେ ସିସଟିଭି କ୍ୟାମେରାର ବ୍ୟବସ୍ଥା କରାଯାଇଛି ବୋଲି ମହାବିନାୟକ ବିଦ୍ୟାୟନର ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମିଶ୍ର କହିଛନ୍ତି ।

# ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତିକୁ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ସ୍ୱାଗତ

ଧର୍ମଶାଳା ୧୮/୨ (ପି ଏନ): ଧର୍ମଶାଳା ଗୋଷ୍ଠିସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୨ ଜଣ ନୂତନ ଡାକ୍ତର ନିଯୁକ୍ତି ଦିଆଯାଇଥିବାର ଧର୍ମଶାଳା ପୂର୍ବତନ ବିଧାୟକ ତଥା ଖଡିବୋର୍ଡ ନିର୍ଦ୍ଦେଶକ ରବିଲାବଣ୍ୟ ଏହାକୁ ସ୍ୱାଗତ କରିଛନ୍ତି । ଏହି ନୂତନ ନିଯୁକ୍ତି ଦ୍ୱାରା ଧର୍ମଶାଳା ଅ-ଳବାସୀ ଉପକୃତ ହେବାସହିତ ସ୍ୱାସ୍ଥ୍ୟସେବା ଅଧିକ ତ୍ୱାରନ୍ୱିତ ହେବବୋଲି ସେ ଆଜି ଗଣ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏଥିପାଇଁ ସେ ରାଜ୍ୟସ୍ୱାସ୍ଥ୍ୟ ମନ୍ତ୍ରୀ ନବକିଶୋର ଦାସ ନିକଟରେ କୃତଜ୍ଞତା ଜଣାଇଛନ୍ତି । ପ୍ରକାଶ ଥାଉକି ଧର୍ମଶାଳା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର (ସି ଏଚ୍ ସି)ରେ ଦୀର୍ଘଦିନ ଧରି ଡାକ୍ତର ପଦବୀ ଖାଲି ପଡିଥିବା ନେଇ ଶ୍ରୀ ଲାବଣ୍ୟ ଗତ ଜାନୁୟାରୀ ୪ ତାରିଖରେ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ଲୋକସେବା ଭବନ ଭୂବେନେଶ୍ୱର ଠାରେ ସାକ୍ଷାତ କରି ଏକ ଦାବି ପତ୍ର ପ୍ରଦାନ କରିଥିଲେ । ଏହି ଅବସରରେ ନୂତନ ଡାକ୍ତର ନିଯୁକ୍ତି ପ୍ରଦାନ କରିବାନେଇ ସେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଆଲୋଚନା ସମୟରେ ଫେବୃଆରୀ ମାସ ମଧ୍ୟ ଭାଗରେ ଡାକ୍ତର ନିଯୁକ୍ତି କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଦାସ ପ୍ରତିଶ୍ରୁତି ଦେଇଥିଲେ । ନୂତନ ଡାକ୍ତର ନିଯୁକ୍ତିକୁ ପୂର୍ବତନ ବିଧାୟକ ସ୍ୱାଗତ କରିଥିବା ବେଳେ ମନ୍ତ୍ରୀ ବିଶେଷଜ୍ଞ ଡାକ୍ତର ପଦବୀ ଖୁବ୍ ଶୀଘ୍ର ପୁରଣ କରିବେ ବୋଲି ଶ୍ରୀ ଲାବଣ୍ୟ ଆଶା ପ୍ରକାଶ କରିଛନ୍ତି ।

# "ମୋ ସରକାର"ର ପ୍ରଭାବ: ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟରୁ ଅନ୍ତର

କେନ୍ଦୁଝର, (ପିଏନ)-"ମୋ ସରକାର" ପ୍ରଭାବରେ କାର୍ଯ୍ୟରେ ଅବହେଳା ଓ ବେନିୟମ କାମ ପାଇଁ କାଦଡିହା ଅଙ୍ଗନୱାଡ଼ି କେନ୍ଦ୍ର କର୍ମୀ ଶାନ୍ତିଲତା ଦେହୁରୀ କାର୍ଯ୍ୟରୁ ଅନ୍ତର ହୋଇଛନ୍ତି । ସୂଚନାଯୋଗ୍ୟ ଯେ, ମହିଳା ଓ ଶିଶୁ ବିକାଶ ବିଭାଗ "ମୋ ସରକାର" କାର୍ଯ୍ୟକ୍ରମରେ ଅର୍ନ୍ତଭୁକ୍ତ ହେବାପରେ ବାଂଶପାଳ ବ୍ଲକ୍ ଅଧିନସ୍ଥ ସିଙ୍ଗପୁର ଗ୍ରାମ ପଂଚାୟତର କାଦଡିହା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଭାବେ କାର୍ଯ୍ୟ କରୁଥିବା ଶାନ୍ତିଲତା ଦେହୁରୀ(ସ୍ୱାମୀ-ରାଜେନ୍ଦ୍ର ଦେହୁରୀ)ଙ୍କ ବିରୋଧରେ କାର୍ଯ୍ୟରେ ଅବହେଳା ଓ ଗର୍ଭବତୀ ମହିଳାଙ୍କୁ ମାସକୁ ୧୨ଟି ଲେଖାଏଁ ଅଣ୍ଡା ପରିବର୍ତେ ୧୦ଟି ଲେଖାଏଁ ଅଣ୍ଡା ଦେଉଥିବାର ଅଭିଯୋଗ ହୋଇଥିଲା । ଏହି ଅଭିଯୋଗ ସରକାରଙ୍କର ହସ୍ତଗତ ହୋଇ ଜିଲ୍ଲା ପ୍ରଶାସନକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଆସିଥିଲା । ଜିଲ୍ଲାପାଳ ଏହାର ତଦନ୍ତ କରାଇଥିଲେ । କେନ୍ଦୁଝର ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ବାଂଶପାଳ ବିଡିଓ ବ୍ୟକ୍ତିଗତ ଭାବେ ଏହି ଅଭିଯୋଗର ତଦନ୍ତ କରି ରିପୋର୍ଟ ଦାଖଲ କରିଥିଲେ । ଉପରୋକ୍ତ ରିପୋର୍ଟରେ ଲୋକମାନେ ଆଣିଥିବା ଅଭିଯୋଗର ସତ୍ୟତା ଜଣାପଡ଼ିବା ପରେ କାଦଡିହା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଭାବେ କାର୍ଯ୍ୟ କରୁଥିବା ଶାନ୍ତିଲତା ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ମାତ୍ର ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଶାନ୍ତିଲତା ଏହାର କୌଣସି ଉତର ନ ଦେବାରୁ ଏବଂ ଲୋକଙ୍କ ଅଭିଯୋଗର ସତ୍ୟତା ଜଣା ପଡ଼ିବା କାରଣରୁ ଶାନ୍ତିଲତା ଦେହୁରୀଙ୍କୁ କାଦଡିହା ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ କାର୍ଯ୍ୟରୁ ଅନ୍ତର କରାଯାଇଛି ଏବଂ ସାମୟିକ ଭାବେ ଉକ୍ତ କେନ୍ଦ୍ରର ଦାୟିତ୍ୱକୁ ନିକଟସ୍ଥ ସିଙ୍ଗପୁର "କ" ଅଙ୍ଗନୱାଡ଼ି କେନ୍ଦ୍ରର କର୍ମୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ନାଏକଙ୍କୁ ଦିଆଯାଇଛି ।

# ହାଣ୍ଡିଭଙ୍ଗା କାନାଡା ବ୍ୟାଙ୍କରୁ ଦିନଦ୍ୱିପ୍ରହରେ ୪ଲକ୍ଷ ଟଙ୍କା ଲୁଟ




କେନ୍ଦୁଝର, ୧୮।୨(ପିଏନ) : କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ହାଣ୍ଡିଭଙ୍ଗା ପଂଚାୟତ କାର୍ଯ୍ୟାଳୟ ପରିସରରେ ଥିବା କାନାଡା ବ୍ୟାଙ୍କ ଶାଖାରୁ ଦିନ ଦ୍ୱିପହରେ ୪ଲକ୍ଷ ଲୁଟକରି ଡକାୟତମାନେ ଚମ୍ପଟ ମାରିଥିବା ଖବର ମିଳିଛି । ମଙ୍ଗଳବାର ଦିନ ୨ଟା ୫୫ ସମୟରେ ୩ଟି ପୋଲସର ବାଇକରେ ଆସି ୬ଜଣ ଯୁବକ ବ୍ୟାଙ୍କରେ ଆସି ପହଁଚିଥିଲେ । ସେମାନଙ୍କ ମଧ୍ୟରୁ ବ୍ୟାଙ୍କରେ ହଠାତ୍ ୫ଜଣ ପଶିଥିବାବେଳେ ଜଣେ ବ୍ୟାଙ୍କର ପ୍ରଥମ ଗେଟରେ ଭୁଜାଲି ଧରି ଜଗି ରହିଥିଲେ । ୫ଜଣ ଡକାୟତ ବ୍ୟାଙ୍କରେ ଥିବା ଗ୍ରାହକମାନଙ୍କୁ ଭିତରକୁ ଟାଣିନେଇ ଦ୍ୱିତୀୟ ଗେଟ ବନ୍ଦ କରିଦେଇଥିଲେ । ବ୍ୟାଙ୍କ ଭିତରେ ଥିବା ଗ୍ରାହକ ଓ କର୍ମଚାରୀମାନଙ୍କୁ ବନ୍ଧୁକଦେଖାଇ ଭୟଭିତ କରିଦେଇଥିଲେ । ଏହାପରେ ଶାଖାପରିଚାଳକ, କ୍ୟାସିୟର ଓ ଅନ୍ୟକର୍ମଚାରିମାନଙ୍କୁ ପ୍ରଥମେ ମାରପିଟ କରି ସେମାନଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଲକର ଚାବି ମାଗି ନେଇଯାଇଥିଲେ । ବ୍ୟାଙ୍କ ଲକରଖୋଲି ସେଥିରେ ଥିବା ୪ଲକ୍ଷ ଟଙ୍କା ନେଇ ଚମ୍ପଟ ମାରିଥିଲେ । ଖବର ପାଇ ସଦର ପୋଲିସ ଘଟଣା ସ୍ଥଳରେ ପହଁଚି ତନାଘନା କରିଛି । ତେବେ ସପ୍ତାହକ ପୂର୍ବରୁ ପଳାଶପଙ୍ଗା ଓଏସଆଇଏଲ ବ୍ୟାଙ୍କ ଅଫଇଣ୍ଡିଆ ଶାଖାରୁ ଡକାୟତମାନେ ୧୦ଲକ୍ଷ ଅନାୟାସରେ ଲୁଟି ନେଇଥିଲେ । ଡକାୟତମାନେ ଆଜି ପୁଣି ହାଣ୍ଡିଭଙ୍ଗା କାନାଡା ବ୍ୟାଙ୍କରେ ପଶି ଲୁଟି ନେବା ଘଟଣା ସ୍ଥାନୀୟ ଅଂଚଳରେ ଆତଙ୍କର ବାତାବରଣ ଖେଳାଇ ଦେଇଛି । ରାସ୍ତା କଡରେ ଥିବା ବ୍ୟାଙ୍କରେ ନିୟମିତ ଲୁଟ ହେଉଥିବାବେଳେ ପୋଲିସ ଏହାର ଟେର ନପାଇବା ପୋଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । କେନ୍ଦୁଝର ଜିଲ୍ଲାରେ ବ୍ୟାଙ୍କ ଲୁଟ କରି ଡକାୟତିମାନେ ଅନାୟାସରେ ଫେରାର ହୋଇଯିବାକୁ ସକ୍ଷମ ହେଉଛନ୍ତି । ପୋଲିସ ଗ୍ୟାଙ୍ଗ ସଂପର୍କରେ ଟେର ପାଉନଥିବାରୁ କିଛି ଦିନ ବ୍ୟବଧାନରେ ପୁଣି ଏହି ଗ୍ୟାଙ୍ଗ ରାସ୍ତାକଡରେ ଥିବା ବ୍ୟାଙ୍କକୁ ଟାର୍ଗେଟ କରି ଲୁଟ କରୁଛନ୍ତି ।

## ବାଲେଶ୍ୱରରେ ନେସ୍କୋର ଅଘୋଷିତ ବିଦ୍ୟୁତ କାଟ: ପାଉଣା ଆଦାୟରେ ଜୁଲମ୍‌ବାଜି

ବାଲେଶ୍ୱର(ପିଏନ) : ଏଣେ ବ୍ୟବସାୟୀକ ଓ ଘରୋଇ ସଂସ୍ଥାରୁ ବକେୟା ପାଉଣା ଆଦାୟ କରିବା ପାଇଁ ନେସ୍କୋ ଉଦ୍ୟମ ଜାରି ରଖିଥିବା ବେଳେ ଏହାର ସେବା ବ୍ୟାହାତ ହୋଇଥିବାର ଅଭିଯୋଗ ହେଉଛି । ପ୍ରାୟତଃ ଦିନକରେ ୨୦ରୁ ଅଧିକ ବାର ବିଦ୍ୟୁତ କାଟ ହେଉଥିବା ବେଳେ ଅପରାହ୍ନ ୫ଟାରୁ ସନ୍ଧ୍ୟା ୬.୩୦ ପର୍ଯ୍ୟନ୍ତ ପ୍ରାୟତଃ ବିଦ୍ୟୁତ କାଟ୍ ଜାରି ରହୁଛି । ୧୯ ତାରିଖରୁ ମେଟ୍ରିକ ପରୀକ୍ଷା ଆରମ୍ଭ ହୋଇଛି । ସନ୍ଧ୍ୟାରେ ପିଲାମାନେ ପାଠପଢିବା ପାଇଁ ସଜବାଜ ହେଉଥିବା ବେଳେ ଅନ୍ଧାରରେ ସେମାନଙ୍କ ସମୟ ବିତୁଛି । କିନ୍ତୁ ବିଦ୍ୟୁତ୍ ଶୁଳ୍କ ଆଦାୟ ପାଇଁ ନେସ୍କୋ କର୍ମଚାରୀଙ୍କର ଜୁଲମବାଜି ଥମୁ ନାହିଁ । ଏଥିଯୋଗୁଁ ଅଧିକାଂଶ ସ୍ଥାନରେ ହାତାହାତି ପରିସ୍ଥିତି ସୃଷ୍ଟି ହେଉଥିବାର ଦେଖିବାକୁ ମିଳୁଛି । ସନ୍ଧ୍ୟାରେ ଷ୍ଟ୍ରିଟ୍ ଲାଇନ୍ ଜଳୁନଥିବାରୁ ରୋଡ଼ରୋମୀୟଙ୍କ ଉତ୍ପାତ ସାଙ୍ଗକୁ ଚୋରୀ ଓ ଛିନ୍‌ତାୟୀ ବଢିବାରେ ଲାଗିଛି । ବିଶେଷକରି ସହରର ଅନ୍ଧକାରଛନ୍ନ ରହୁଥିବାରୁ ସାଧାରଣ ପଥଚାରୀଙ୍କର ଯାତାୟତରେ ବାଧା ସୃଷ୍ଟିହେବାସହ ଦୁର୍ଘଟଣା ମଧ ବୃଦ୍ଧି ପାଉଛି । କର୍ତ୍ତୃପକ୍ଷ ଦୀର୍ଘଦିନ ଧରି ପ୍ରିୟାପ୍ରୀତି ରଖି ବିଦ୍ୟୁତ ପାଉଣା ଆଦାୟ କରୁ ନଥିବା ବେଳେ ମାସକରେ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ଅଣ୍ଟା ଭିଡୁଥିବା ବେଳେ ବିଦ୍ୟୁତ୍ ସେବା ଠପ୍ ହୋଇଯାଉଛି । ଏଥିପ୍ରତି ଉଚ୍ଚକର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ସତର୍କ ଦୃଷ୍ଟି ଦେବାକୁ ଜନମତ ପ୍ରକାଶ ପାଇଛି ।

# ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ପକ୍ଷରୁ କର୍ମଚାରୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର




କେନ୍ଦୁଝର, (ପିଏନ) : କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟସ ଲିଃ ପକ୍ଷରୁ ଟାଉନସିପ ପରିସରରେ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଫେବୃଆରୀ ୧୨ରୁ ୧୫ ତାରିଖ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି । ଏହି ସ୍ୱାସ୍ଥ୍ୟ ସେବା ଶିବିରରେ ସମସ୍ତ ଠିକାଦାର ଏବଂ ଟିଏସଏଲପିଏଲ କମ୍ପାନୀର କାଜୁଆଲ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ମାଗଣାରେ ଔଷଧ ବଂଟନ କରାଯାଇଥିଲା । ଏହି ଶିବିରକୁ ମାନବସମ୍ବଳ ବିଭାଗ ଏବଂ କମ୍ପାନୀର ସ୍ୱେଚ୍ଛାସେବୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ୧୫ଜଣିଆ ଅଭିଜ୍ଞ ସମ୍ପନ୍ନ ମେଡିକାଲ ଟିମରେ ୩ଜଣ ବରିଷ୍ଠ ଡାକ୍ତର ଉପସ୍ଥିତ ରହି ଚେଷ୍ଟ ସ୍କାନ, ଇସିଜି, ପିଏଫଟି, ବ୍ଲଡ ସୁଗାର, ବ୍ଲଡ ପ୍ରେସର ସହ ବିଭିନ୍ନ ରୋଗର ମୋଟ ୯୦୭ଜଣ ଜଣ ପୁରୁଷ,ମହିଳା କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣାରେ ଔଷଧ ଦିଆଯାଇଥିଲା ।

# ନାବାଳିକା ବଳାତ୍କାରୀକୁ ୨୦ ବର୍ଷ ଜେଲ ଦଣ୍ଡ ସହ ୩୦ହଜାର ଅର୍ଥଦଣ୍ଡ

ବାଲେଶ୍ୱର-(ପିଏନ) : ନାବାଳିକା ବଳାତ୍କାର ମାମଲାରେ ବାଲେଶ୍ୱର ସ୍ୱତନ୍ତ୍ର ପକ୍ସୋ ବଚାରପତି ଗିରିଜା ପ୍ରସାଦ ମହାପାତ୍ର ଅଭିଯୁକ୍ତକୁ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦେବା ସହିତ ୩୦ହଜାର ଟଙ୍କା ଜରିମାନ ଓ ଅନାଦେୟ ୧୩ମାସ ଅଧିକ ଜେଲ ଦଣ୍ଡାଦେଶ ରାୟ ଶୁଣାଇଛନ୍ତି । ସୂଚନାଯୋଗ୍ୟଯେ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ତାଙ୍କ ପରିବାର ସହ ଦୀର୍ଘ ୧୯ବର୍ଷ ଧରି ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ଶ୍ରମବଣା ଗ୍ରାମରେ ରହିଆସୁଥିଲେ । ତେବେ ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ଗ୍ରାମର ଅଗଷ୍ଟ ସିଂ ୨୦୧୭ ମସିହା ଅଗଷ୍ଟ ମାସ ୧୫ ତାରିଖରେ ରଘୁମଣିଙ୍କ ଘରକୁ ବୁଲିବାକୁ ଆସିଥିଲା । ପରିବାର ଲୋକେ ଶୋଇପଡ଼ିବା ପରେ ଅଗଷ୍ଟ ରଘୁମଣିଙ୍କ ତାଙ୍କ ନାବାଳିକା ଝିଅ ଏବଂ ତାଙ୍କର ଜଣେ ଭାଣିଜିକୁ ବୈଶିଙ୍ଗା ଯିବା ପାଇଁ କହି ସାଙ୍ଗରେ ନେଇଯାଇଥିଲା । ରୁପ୍ସା ଷ୍ଟେସନ ନିକଟରୁ ସେମାନଙ୍କୁ ସେ ଏକ ମଟର ସାଇକେଲରେ ବସାଇ ରାତି ପ୍ରାୟ ୧୨ଟା ବେଳେ ଏକ ନିଛାଟିଆ ସ୍ଥାନରେ ବଳପୂର୍ବକ ଦୁଷ୍କର୍ମ କରିଥିଲା । ଏହି ଘଟଣା ଜାଣିବା ପରେ ନାବାଳିକଙ୍କ ପରିବାର ଲୋକେ ଟାଇଲ୍ଡ ଲାଇନର ସହାୟତା ନେଇଥିଲେ । ଏବଂ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଏବାବଦରେ ଏକ ମାମଲା ରୁଜୁ କରି ଅଗଷ୍ଟକୁ ଗରିଫ କରି କୋଟ ଚାଲାଣ କରିଥିଲେ । ଏହି ମାମଲାରେ ମାନ୍ୟବର ଜର୍ଜ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି ।

# ଗୋଚର ଜମିରୁ ଉଚ୍ଛେଦ ପାଇଁ ଦାବୀ

ନେଉଳପୁର,(ପି.ଏନ)-ଗୋଚର ଜମିକୁ ଆବଦ୍ଧ କରି ବ୍ୟବସାୟ ପ୍ରତିଷ୍ଠାନକୁ ଉଛେଦ କରିବା ପାଇଁ ବଡଚଣା ବ୍ଲକ ଭୁଷଣ୍ଡପୁର ପଂଚାୟତ ଅକବରାବାଦ ଗ୍ରାମର ଗ୍ରାମବାସୀ ମାନେ ଦର୍ପଣ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକଅକବରାବାଦ ମୌଜା ଖାତା ନଂ ୩୨୩ ରଖିତ, ଖସଡା ନଂ୩୬୮ ରକବା ଏ୨୮.୩୦ଟି.ମି. କିସମ ଗୋଚର ଜମିରୁ ଦର୍ପଣ ତହସୌଲଦାର ୩ ଏକର ଜମି ସଂଗ୍ରକ୍ଷିତ କରି ନିକଟରେ ଥିବା ପରିବହନ କାର୍ଯ୍ୟାଳୟର ଡ୍ରାଇଭିଙ୍ଗ ଟେଷ୍ଟ ସେଂଟର ପାଇଂ ପ୍ରଦାନ କରିଛନ୍ତି । ଅବଶିଷ୍ଟ ଜମିରେ ବନ ବିଭାଗ ପକ୍ଷରୁ ବନୀକରଣ କରାଯାଇଛି । ଗ୍ରାମବାସୀଙ୍କ କହିବା ମୁତାବକ କିଛି ଅସାମାଜିକ ବ୍ୟକ୍ତି ମାନେ ଗୋଚର ଜମି ମଧ୍ୟରୁ ଆନୁମାନିକ ୩ ଏକର ଜମିରେ ତାରବାଡ ଘେରାଇ ନିଜ କବଜାରେ ରଖିଚନ୍ତି । ଦର୍ପଣ ମୌଜାର ଗୋଚର ଓ ଅନାବାଦୀ ଜମିକୁ ଦଖଲରେ ଅତୀତରେ ଯେଉଁ ବିଶୃଙ୍ଖଳା ସୃଷ୍ଟି ହୋଇଥିଲା ସେହି କାର୍ଯ୍ୟକୁ ଆଧାର କରି ସେ ସମୟର ଜିଲ୍ଲାପାଳ ଅରବିନ୍ଦ ତ୍ରିପାଠୀ ଦର୍ପଣ ମୌଜାର ସରକାରୀ ଜମିକୁ କାହା ନାମରେ ନକରାଇବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜିଲ୍ଲାପାଳ ଶ୍ରୀ ପାଢୀଙ୍କ କଥାକୁ ଅମାନ୍ୟ କରି ଆଜି ସୁଦ୍ଧା ଦର୍ପଣି ମୌଜାର ବହୁ ସରକାରୀ ଜମିରେ କେତେକ ବ୍ୟକ୍ତି ଗୃହ ନିର୍ମାଣ କରିଛନ୍ତି ଓ ମହାବିନାୟକ ।ପଦେଦେଶରେ ଥିବା ସରକାରୀ ଜମିକୁ ୫ ଏକରୁର ୧୦ ଏକର ପର୍ଯ୍ୟନ୍ତ ଆବଦ୍ଧ କରି ରଖିଛନ୍ତି । ଏହାର ପ୍ରତିବାଦରେ ବାରମ୍ବାର ଅଭିଯୋଗ ହେଲେ ମଧ ଦର୍ପଣ ତହସିଲଦାର, ଯାଜପୁର ଜିଲ୍ଲାପାଳ ଓ କେନ୍ଦ୍ରାଂଚଳ ରାଜସ୍ୱ କମିଶନର ଦୃଷ୍ଟି ପକାଉ ନାହାନ୍ତି ବୋଲି ସାଧାରଣରେ ଅଭିଯୋଗ ହେଉଅଛି । ଅବରୋଧ ଜମିକୁ ସରକାର ନିଜ ଅକ୍ତିଆରକୁ ଆଣିବା ପାଇଁ ଓ ଯେଉଂମାନେ ବାରବୁଝି ଦଖଲ କରିଛନ୍ତି ତାଙ୍କ ବିରୁଦ୍ଧେର ଦୃଢ କାଯ୍ୟଚାନୁଷ୍ଠାନ ଗ୍ରହଣ କରିବା ଉପାଇଁ ସାଧାରଣରେ ଦୃଢ ଦାବୀ ହେଉଛି ।




# ଗରିବ ଓଡ଼ିଆର ଭାଗ୍ୟ କ'ଣ ଆଉ ସୁଧୁରିବନି ?

ଭୁବନେଶ୍ୱର (ଓଏନ୍ଏସ୍): ଓଡ଼ିଶାର ମାଟି ତଳେ ପ୍ରଚୁର ଖଣିଜ ସଂପଦ ଭରି ରହିଛି। ପ୍ରାକୃତିକ ଦୃଶ୍ୟରାଜିରେ ଭରା ଓଡ଼ିଶା ଦେଶ ବିଦେଶରେ ଏକ ମନୋରମ ରାଜ୍ୟ ଭାବେ ପରିଚିତ। ରାଜ୍ୟରେ ବ୍ୟାପକ ପର୍ଯ୍ୟଟନ ଶିଳ୍ପର ସୁଯୋଗ ରହିଥିବା ବେଳେ ପର୍ଯ୍ୟାପ୍ତ ଜଙ୍ଗଲ ସଂପଦ, ମତ୍ସ୍ୟ ସଂପଦ, ଜଳ ସଂପଦ ଓ ଶହେଭାଗ ଉର୍ବର ଚାଷ ଜମି ରହିଛି। ରାଜ୍ୟରେ ବୌଦ୍ଧିକ ସଂପଦ ଓ ପ୍ରତିଭାର ଅଭାବ ନାହିଁ। ଓଡ଼ିଆ ସଂସ୍କୃତି ଓ ଓଡ଼ିଆ ଭାଷା-ସାହିତ୍ୟ ଦେଶ ବିଦେଶରେ ସ୍ୱତନ୍ତ୍ର ସ୍ଥାନ ଦଖଲ କରିଛି। ଓଡ଼ିଆଙ୍କର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥ ସାରା ବିଶ୍ୱରେ ଖ୍ୟାତ। ଓଡ଼ିଶା ମନ୍ଦିର ମାଳିନି ରାଜ୍ୟ ଭାବେ ସର୍ବ ବିଦିତ। କଠିନ ପରିଶ୍ରମ କରିବାରେ ମଧ୍ୟ ଓଡ଼ିଆ ଅନ୍ୟ ରାଜ୍ୟବାସୀଙ୍କ ତୁଳନାରେ କିଛି କମ୍ ନୁହଁନ୍ତି। କିନ୍ତୁ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ବା ରାଜ୍ୟ ନେତୃତ୍ୱର ଅପାରଗତା ଯୋଗୁ ରାଜ୍ୟରେ ଗଚ୍ଛିତ ବିଭିନ୍ନ ଖଣିଜ ସଂପଦର ଉପଯୁକ୍ତ ଉପଯୋଗ ହୋଇ ପାରୁନାହିଁ। ମଣିଷର ଅର୍ଥନୈତିକ ପ୍ରଗତି ଓ ସାମାଜିକ ଅବସ୍ଥାର ପରିବର୍ତ୍ତନ ପାଇଁ ସମସ୍ତ ପ୍ରାକୃତିକ ସଂପଦର ଉପଯୁକ୍ତ ଉପଯୋଗ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଚାଷ ବା କୃଷି ଉତ୍ପାଦନ ବୃଦ୍ଧି ଓ ରାଜନୈତିକ ଇଚ୍ଛାଶକ୍ତି ଏବଂ ଶିଳ୍ପ ପ୍ରସାରର ଆବଶ୍ୟକତା ରହିଥାଏ। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ସ୍ୱାଧୀନତା ପରଠାରୁ ଓଡ଼ିଶା ବହୁ ଘାତ ପ୍ରତିଘାତ ଦେଇ ଗତି କରି ଆସିଛି। ମାତ୍ର କିଛି ବର୍ଷ ତଳୁ ରାଜ୍ୟବାସୀ ଯାହା ପ୍ରଗତିର ସ୍ୱପ୍ନ ଦେଖିବା ଆରମ୍ଭ କରିଛନ୍ତି। ଇତିମଧ୍ୟରେ ଓଡ଼ିଶା ବିକାଶଶୀଳ ରାଜ୍ୟରେ ପରିଣତ ହୋଇଥିବା ଅର୍ଥନୈତିଜ୍ଞ, ବୁଦ୍ଧିଜିବୀ ଓ ବରିଷ୍ଠ ନାଗରିକ ମାନେ ସ୍ୱୀକାର କରୁଛନ୍ତି। ଓଏନ୍ଏସ୍‌କୁ ପ୍ରାପ୍ତ ସୂଚନା ଅନୁଯାୟୀ କଳିଙ୍ଗନଗର ଶିଳ୍ପ ପ୍ରକଳ୍ପ ଭଳି ସାରା ରାଜ୍ୟରେ ବ୍ୟାପକ ଶିଳ୍ପ ପ୍ରସାର ଓଡ଼ିଶା ପ୍ରଗତିର ସ୍ପଷ୍ଟ ସୂଚନା। ଯଦିଓ ଟାଟାଷ୍ଟିଲ୍ ଭଳି କେତେକ କମ୍ପାନୀ ବିସ୍ଥାପିତ ପରିବାରମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ନାହାଁନ୍ତି ତଥା ଥଇଥାନ କରିନାହାଁନ୍ତି, ତଥାପି ରାଜ୍ୟରେ ଶିଳ୍ପ ପ୍ରତିଷ୍ଠା ଯୋଗୁ ରାଜ୍ୟ ପ୍ରଗତି ପଥରେ ଆଗେଇଥିବା କୁହାଯାଉଛି। ରାଜ୍ୟର ଉପକୂଳରେ ଗୋଟିଏ ପରେ ଗୋଟିଏ ବନ୍ଦର ପ୍ରତିଷ୍ଠା, ପର୍ଯ୍ୟଟନ ଶିଳ୍ପର ଦ୍ରୁତ ବିକାଶ, କୃଷି ଓ କୃଷକର ଉନ୍ନତି ପାଇଁ ବିଭିନ୍ନ ଯୋଜନା ପ୍ରଣୟନ, ରାସ୍ତାଘାଟର ନବୀକରଣ-ନିର୍ମାଣ, ଟଙ୍କିକିଆ ଚାଉଳ ଯୋଗାଣ ଭଳି ବହୁ ଦାରିଦ୍ର୍ୟ ଦୂରୀକରଣ ଯୋଜନା କାର୍ଯ୍ୟକାରୀ, ସେତୁ ନିର୍ମାଣ ଭଳି ଗମନାଗମନର ଅଭୂତପୂର୍ବ ବିକାଶ, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଲାଗି ବିଭିନ୍ନ ସନ୍ତୋଷଜନକ ପଦକ୍ଷେପ ଭଳି ଅଭିନବ ଯୋଜନା ଓଡ଼ିଶା ବିକାଶର ପଥ ପରିଷ୍କାର କରିଦେଇଥିବା ବିଭିନ୍ନ ମହଲ ସ୍ୱୀକାର କରୁଛି। ୧୯୯୯-୨୦୦୦ ମସିହାରେ ରାଜ୍ୟରେ ୫୫.୦୩ ଶତକଡ଼ା ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାବେଳେ ବର୍ତ୍ତମାନ ୩୦.୦୨ ଶତକଡ଼ା ରହିଥିବା କୁହାଯାଉଛି। ଏନ୍ତୁଡ଼ିଶାଳରୁ ଆରମ୍ଭ କରି ଶ୍ମଶାନ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରରେ ବିଭିନ୍ନ ଯୋଜନା ଘୋଷଣା ସାଧାରଣ ଲୋକଙ୍କୁ ମୁଗ୍ଧ କରିଛି। ଏପରିକି ରାଜ୍ୟର ସ୍ୱାର୍ଥ ଓ ସ୍ୱାଭିମାନ ପାଇଁ ନବିନବାବୁଙ୍କ କାର୍ଯ୍ୟ ଓ ପଦକ୍ଷେପ ରାଜ୍ୟବାସୀଙ୍କୁ ଖୁବ୍ ଭଲ ଲାଗିଛି। ହେଲେ ସବୁ ଯୋଜନା, ଘୋଷଣା, ପଦକ୍ଷେପ, ନିଷ୍ପତି ଆଦି ସତ୍ୟ ନା ଫମ୍ପା ପ୍ରଚାର, ସେଥିରେ ଲୋକେ ମୁଣ୍ଡ ଖେଳାନ୍ତିନି। ରାଜ୍ୟର ଅଧିକାଂଶ ଲୋକେ ଗଭୀରକୁ ଯିବାକୁ ଚାହାନ୍ତିନି। କିନ୍ତୁ ବାସ୍ତବତା ହେଲା, ଆମ ରାଜ୍ୟରେ ଯାହା ବିକାଶ ହୋଇଥିବା ଜଳଜଳ ଦେଖାଯାଉଛି, ଭାରତର ଅନ୍ୟାନ୍ୟ ପ୍ରଦେଶରେ ଏହାଠାରୁ ବହୁ ଗୁଣରେ ବିକାଶ ହୋଇଥିବା ଦେଖା ଯାଇପାରେ। ବରଂ ଆମେ ବିକାଶ ଦୌଡ଼ରେ ବହୁ ପଛରେ ରହିଥିବା ବୁଦ୍ଧିଜିବୀମାନେ କହୁଛନ୍ତି। ଦୁର୍ନୀତିରେ ବହୁ ଉପରକୁ ଚାଲିଗଲେଣି। ଯଦିଓ ଆମ ରାଜ୍ୟରେ ଦାରିଦ୍ର୍ୟ ହଟିଥାନ୍ତା ଓ ମୁଣ୍ଡପିଛା ଆୟ ବଢିଥାନ୍ତା ବା ରୋଜଗାର ସୃଷ୍ଟି ହୋଇଥାନ୍ତା, ତେବେ ଆହାର ଯୋଜନା କାହିଁକି (?), ଦାଦନ ସମସ୍ୟା କ'ଣ ପାଇଁ (?) ଓ ରେସନ୍ କାର୍ଡ଼ ହିତାଧିକାରୀ ତାଲିକାରେ ସାମିଲ୍ ହେବାକୁ ଲୋକଙ୍କ ପ୍ରତିଯୋଗିତା କାହିଁକି ? ଆଶ୍ଚର୍ଯ୍ୟର କଥା ଯେ, ବହୁଚର୍ଚ୍ଚିତ ଖଣି, ପାଣି, କୋଇଲା, ଚିଟ୍‌ଫଣ୍ଡ ମହାଦୁର୍ନୀତି ଭଳି ଅସୁମାରୀ କଳଙ୍କ ମଧ୍ୟ ଛୁଇଁପାରିନି ନବୀନବାବୁଙ୍କ ଲୋକପ୍ରିୟତାକୁ। ତେବେ ଏହିସବୁ ମହା ଦୁର୍ନୀତି କ'ଣ ମିଛ ? ଭଲ-ମନ୍ଦ, ଆଗ-ପଛ ବିଚାର ନ କରି ରାଜ୍ୟବାସୀ ନବୀନଙ୍କ କାନ୍ଧରେ ବାରମ୍ବାର ଦାୟିତ୍ୱର ନୂଆ ବୋଝ ଲଦିଛନ୍ତି। ଆଉ ନବୀନବାବୁ ଲୋକଙ୍କୁ ଯେଉଁ ରଙ୍ଗୀନ୍ ସ୍ୱପ୍ନ ଦେଖାଇଚାଲିଛନ୍ତି, ତାକୁ ସାକାର କରିବାକୁ ସେ ସେପରି କିଛି ଉଦ୍ୟମ କରୁଥିବା ଦେଖାଯାଉନାହିଁ। ମୁଖ୍ୟତଃ ସ୍ୱଚ୍ଛ, ଦୁର୍ନୀତିମୁକ୍ତ, ସମ୍ବେଦନଶୀଳ, ଉତରଦାୟୀ ଓ ଦକ୍ଷ ଶାସନର ଯେଉଁ ପ୍ରତିଶ୍ରୁତି ଦିଆଯାଉଛି, ତାହା ପୂରଣ କରିବାକୁ ପଡ଼ିବ। ଦାରିଦ୍ର୍ୟ ଦୂରୀକରଣ ଓ କ୍ଷୁଧାମୁକ୍ତି, ବେକାରୀ ଦୂରୀକରଣ ଓ ନିଯୁକ୍ତି ସୁଯୋଗ ସୃଷ୍ଟି, ଶିକ୍ଷାର ପ୍ରସାର, ସଂକ୍ରାମକ ଓ ମାରାତ୍ମକ ରୋଗ ନିୟନ୍ତ୍ରଣ, ସବୁ ଗାଁକୁ ରାସ୍ତା, ବିଜୁଳି, ପାନୀୟ, ସଂଚାର ସେବା ସୁବିଧା, କୃଷି ଓ କୃଷକର ଉନ୍ନତି, ଆଇନଶୃଙ୍ଖଳା ବ୍ୟବସ୍ଥାରେ ଉନ୍ନତି ବା ସାଧାରଣ ଲୋକଙ୍କ ଧନଜୀବନର ସୁରକ୍ଷା, ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ ଉପଯୁକ୍ତ ପଦକ୍ଷେପ, ପର୍ଯ୍ୟଟନ ଶିଳ୍ପର ବିକାଶ, ଦୁର୍ନୀତିର ମୂଳୋତ୍ପାଟନ, ସାଧାରଣ ଲୋକଙ୍କ ସମସ୍ୟା ସମାଧାନରେ ଅଗ୍ରାଧିକାର ଓ ସରକାରୀ ଅଧିକାରୀ/କର୍ମଚାରୀଙ୍କୁ ନିୟନ୍ତ୍ରଣ ବା ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ସର୍ବୋପରି ସୁସ୍ଥ ଗଣତନ୍ତ୍ର ସୃଷ୍ଟି ତଥା ମୁଣ୍ଡ ପିଛା ଆୟ ବୃଦ୍ଧି ବିକଶିତ ରାଷ୍ଟ୍ର ବା ରାଜ୍ୟର ସଂଜ୍ଞା। ଏହା ମଧ୍ୟ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା। ଆଉ ଏବେ ନବୀନବାବୁ ଓ ତାଙ୍କର ପ୍ରଶାସନ ବିଜୁବାବୁଙ୍କ ସ୍ୱପ୍ନ ସାକାର କରିବା ପାଇଁ ବଦ୍ଧପରିକର ହେବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି।

## ସିଡ୍‌ବଲ୍‌ରେ 'ପ୍ରେମ ପାଇଁ ଦିନଟିଏ'



ଭୁବନେଶ୍ୱର (ପିଏନ୍): ବିଶ୍ୱବ୍ୟାପୀ 'ଭାଲେଣ୍ଟାଇନ୍ ଡ଼େ'କୁ ପ୍ରେମ ଦିବସ ଭାବେ ପାଳନ କରାଯାଉଥିବା ବେଳେ ପରିବେଶବିତ୍ ତଥା ସମାଜସେବୀ ସୁଶାନ୍ତ ସାହୁ ହୃଦୟ ଭିତରେ ବିହନ ପିଣ୍ଡୁଳାରେ ବୃକ୍ଷ ତିଆରି କରି 'ଆସ ଆମେ ପ୍ରକୃତିକୁ ପ୍ରେମ କରିବା'ର ବଳିଷ୍ଠ ବାର୍ତ୍ତା ପ୍ରଦାନ କରିଛନ୍ତି। ସ୍ମାର୍ଟ ସିଟି ଭୁବନେଶ୍ୱରର ପାର୍କଠାରୁ ମଲ୍ ଯାଏ ସବୁଠି ପ୍ରେମ ସମ୍ଭାଷଣ ପାଇଁ ଫୁଲ, ଗ୍ରୀଟିଙ୍ଗସ୍ ଆଉ ଉପହାର ଦିଆନିଆ ଭିତରେ ଏହି 'ଭାଲେଣ୍ଟାଇନ୍ ଡ଼େ' ପାଳନ କରାଯାଇଥିବା ବେଳେ ପୋଖରୀପୁଟ ଇନ୍ଦ୍ରପସ୍ଥ କଲୋନୀ ଫେଜ୍-୨ଠାରେ ରହୁଥିବା ଯୁବ ସମାଜସେବୀ ସୁଶାନ୍ତ ସାହୁ ହୃଦୟ ଭିତରେ ବୃକ୍ଷକୁ ବିହନ ପିଣ୍ଡୁଳାରେ ସ୍ଥାନିତ କରି ବିଶ୍ୱ ପ୍ରେମ ଦିବସରେ ଆସ ଆମେ ପ୍ରକୃତିକୁ ଭଲ ପାଇବାର ବାର୍ତ୍ତା ସହ ବିହନ ପିଣ୍ଡୁଳା ଉପହାର ଦେଇଛନ୍ତି। ବିହନ ପିଣ୍ଡୁଳା ବା ସିଡ୍ ବଲ୍‌କୁ ନିକ୍ଷେପଣ କରାଯାଇ ପତିତ ଜମିରେ କିଭଳି ବନୀକରଣ ସମ୍ଭବ ଓ ସହଜ ହୋଇପାରିଛି ତାହା ସୁଶାନ୍ତ ଓ ସହଯୋଗୀମାନେ ଏହି ଦିବସ ଅବ୍ୟବହିତ ପୂର୍ବରୁ ଜନସଚେତନତା କରାଇଛନ୍ତି। ପ୍ରେମ ଦିବସରେ ପ୍ରେମୀ ଯୁଗଳମାନେ ସିଡ୍ ବଲ୍ ଜରିଆରେ ପ୍ରକୃତିକୁ ଭଲ ପାଇବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ନିବେଦନ କରିଛନ୍ତି। ସିଡ୍ ବଲ୍ ସଜାଇବାରେ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରିଥିଲେ।

# ପରୀକ୍ଷା ଚାପ ନୁହେଁ, ପର୍ବ



କୋହଲା ପାଗକୁ କ୍ଲିନିକରେ ବସି ଉଷୁମ ଚାହାର ମଜା ନେଉଥିବାବେଳେ ଲିପିକାର ବନ୍ଧୁ ଶ୍ରୀକାନ୍ତ ବଡ଼ ମନସ୍ତାପରେ ଭିତରକୁ ପଶିଲେ। ଚା'କପଟି ତ ଧରିଲେ ଭାରି ବ୍ୟସ୍ତ ହୋଇ ତାଙ୍କ ପୁଅ ସତ୍ୟବ୍ରତର ପରୀକ୍ଷା କଥା ନେଇ ମୋ' ଆଗରେ ଇତସ୍ତତଃ ହୋଇପଡ଼ିଲେ। ଏକାନିଃଶ୍ୱାସକେ କହି ପକାଇଲେ 'ସାର, ମୁଣ୍ଡ ଉପରେ ଦୁଇ ଦୁଇଟି ପିଲାଙ୍କ ପରୀକ୍ଷା ଚାପ, ଇଆଡ଼େ ମୋ' ପୋଲିସ ଚାକିରୀ କଥା ଆପଣ ଜାଣନ୍ତି। କ'ଣ କରିବି କିଛି ମୁଣ୍ଡ ଭିତରେ ପଶୁନି।' ମୁଁ ତାଙ୍କ ବ୍ୟସ୍ତତାକୁ ଲାଘବ କରିବା ପାଇଁ କହିଲି ଚା'କପଟି ସରୁ। ତାଙ୍କୁ ସବିଶେଷ କହିଲି ଆଗକୁ ପରୀକ୍ଷା ଋତୁ ଆସୁଛି। ମାଟ୍ରିକ ପରୀକ୍ଷା ପାଇଁ ତାରିଖ ତ ଘୋଷିତ ହୋଇସାରିଛି ତା ପଛକୁ ଯୁକ୍ତଦୁଇ ପରୀକ୍ଷା ମଧ୍ୟ ରହିଛି। ପରୀକ୍ଷାକୁ ନେଇ ଅନେକ ସମୟରେ କେତେକ ଛାତ୍ରଛାତ୍ରୀ ନିଜକୁ ଦୁର୍ବଳ ଭାବି ଭୟ, ଅବସାଦଗ୍ରସ୍ତ ହେବା ସହ ଆତ୍ମହତ୍ୟା ଭଳି ବିଚାରକୁ ମୁଣ୍ଡ ଭିତରକୁ ନେଇ ଆସିଥା'ନ୍ତି। କିଶୋର କିଶୋରୀ ବୟସରେ ଏ ପ୍ରକାର ମାନସିକ ଉଦ୍‌ବେଗ ଓ ବ୍ୟସ୍ତତା ସେମାନଙ୍କୁ ସଠିକ ରାସ୍ତା ଦେଖାଇ ପାରି ନ ଥାଏ ଏହା ହିଁ ବଡ଼ ସମସ୍ୟା। ଭାରତୀୟ ଛାତ୍ରଛାତ୍ରୀମାନେ ଆଜିକା ସମୟରେ ନିଜର ସଫଳତାର ମାତ୍ରାକୁ ପୂରଣ କରିବା ପାଇଁ ସ୍ୱାଭାବିକ ଭାବେ ଚାପଗ୍ରସ୍ତ ହେଉଛନ୍ତି। ସେଥିରେ ଆଉ ଗୋଟିଏ ବଡ଼ କଥା ହେଲା ଯେ ପ୍ରାୟତଃ ଅଭିଭାବକମାନେ ନିଜ ପିଲାର ସଫଳତାକୁ ଏକପ୍ରକାର ଯେଉଁ ଆଶା ରଖିଥାନ୍ତି ଏହାକୁ ପାଳନ କରିବା ପାଇଁ ପିଲାଟି ନାନା ଚାପର ସମ୍ମୁଖୀନ ହେଉଛନ୍ତି। ଜାତୀୟ ପରିବାର ସର୍ଭେ ରିପୋର୍ଟ ମୁତାବକ ପରୀକ୍ଷାଜନିତ ଚାପରୁ ୨୦୧୪ରୁ ୨୦୧୬ ମସିହା ମଧ୍ୟରେ ଦୁଇବର୍ଷରେ ସାରା ଭାରତରେ ୨୬ହଜାର ୪ଶହ ୭୬ଜଣ ବିଦ୍ୟାର୍ଥୀ ଜୀବନ ହାରି ଥିବାବେଳେ ପରୀକ୍ଷା ଫଳ ପ୍ରକାଶନ ହେବା ପରେ ଚାପଗ୍ରସ୍ତ ହୋଇ ୭୪୬୨ଜଣ ଜୀବନ ହାରିଛନ୍ତି। ଏହି ସ୍ଥିତି ଉଦ୍‌ବେଗଜନକ ହୋଇଥିବାରୁ ଛାତ୍ରଛାତ୍ରୀମାନେ ପରୀକ୍ଷା ପାଇଁ ଚାପଗ୍ରସ୍ତ ନ ହୋଇ ପରୀକ୍ଷାକୁ ପର୍ବ ଭାବରେ ନେବାକୁ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ପରାମର୍ଶ ଦେଇଛନ୍ତି। ଖାଲି ସେତିକି ନୁହେଁ 'ପରୀକ୍ଷା ପର୍ବ' ନାମରେ ଏକ ସଚେତନତା କାର୍ଯ୍ୟକ୍ରମ ଛଅଟି ଜିଲ୍ଲା ଯଥା: ଢ଼େଙ୍କାନାଳ, କନ୍ଧମାଳ, ବଲାଙ୍ଗୀର, ନୂଆପଡ଼ା, କଳାହାଣ୍ଡି ଓ ଗଜପତିରେ ଚାଲିଥିବା ସେ ସୂଚନା ଦେଇଛନ୍ତି। ସେହିପରି ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟ କାର୍ଯ୍ୟକ୍ରମ ମନ୍ କୀ ବାତ୍‌ରେ ପରୀକ୍ଷାଜନିତ ଉତ୍କଣ୍ଠା ଓ ଚାପହ୍ରାସ ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ୨୫ଟି ଉପଦେଶ ସମସ୍ତ ପରୀକ୍ଷାର୍ଥୀ, ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ହେଉଛି ବୋଲି ସୂଚନା ମିଳିଛି। ସେହିପରି ପିଲାମାନଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବା ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଚଳିତ ଫେବୃଆରୀ ୫ତାରିଖରୁ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ 'ରେଡ଼ିଓ ସ୍ପଟ', 'ଜିଙ୍ଗିଲ୍ସ', 'ଫେସବୁକ୍', 'ଟ୍ୱିଟର' ଏବଂ 'ୟୁଟୁବ୍' ଜରିଆରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଆଜିକାଲି କେବଳ ପାଠପଢ଼ା ବ୍ୟବସ୍ଥା ନୁହେଁ ଚାକିରି ଖୋଜିବାର ହତାଶାବୋଧ, ପ୍ରେମପ୍ରତାରଣା, ନିର୍ବାଚନ ହେଉ ବା ଲଟେରୀ ଏହାର ପରାଜୟଠାରୁ ଆହୁରି ଅନେକ କାରଣ। କମ୍ ବୟସରୁ ହିଁ ମାନସିକ ଚାପ କିଶୋରମାନଙ୍କୁ ଅସ୍ତବ୍ୟସ୍ତ କରୁଛି। ଏହି ଚାପରେ ଦଳିମକ୍‌ଚି ହୋଇଯାଉଛି କିଶୋର ଜୀବନର ଛୋଟ ଛୋଟ ସ୍ୱପ୍ନ। ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପୀଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ। ଭାରତର ଭବିଷ୍ୟତ ମଧ ନିଶ୍ଚିତ ଭାବରେ ଉଜ୍ଜଳ; କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶ୍ୟର ଶିକାର ହୋଇ ଜୀବନକୁ ହାରୁଛନ୍ତି। କହିବାକୁଗଲେ ଭାରତ ହେଉଛି କିଶୋର ଆତ୍ମହତ୍ୟାର ପୃଥିବୀର ରାଜଧାନୀ। ପ୍ରାୟତଃ କସ୍ମୋପର୍ଲିଟାନ ସହରରେ ଏହି ଘଟଣା ଅଧିକା ଦେଖିବାକୁ ମିଳୁଛି। ସେହିପରି ବ୍ରିଟିଶ ମେଡ଼ିକାଲ ଜର୍ଣ୍ଣାଲ ଲାନେକ୍ସଟ୍‌ର ପ୍ରକାଶିତ ତଥ୍ୟ ଅନୁଯାୟୀ ଭାରତର ଇନ୍‌ଫରମେସନ ଟେକ୍ନୋଲୋଜି ହବ୍ ଭାବେ ପରିଚିତ ଭାରତର ଦକ୍ଷିଣ ଭାରତର ଅଧିକାଂଶ ସହରରେ ସର୍ବାଧିକ ଆତ୍ମହତ୍ୟା ଯୁବଗୋଷ୍ଠୀଙ୍କ ଭିତରେ ଦେଖାଯାଇଥାଏ। ଭାରତରେ ଆତ୍ମହତ୍ୟାର ପରିସଂଖ୍ୟାନ ହେଉଛି ଏହା ପୁରୁଷଙ୍କ ଆତ୍ମହତ୍ୟା ହାର ନାରୀଙ୍କ ଠାରୁ ପ୍ରାୟ ୪ଗୁଣ ଅଧିକ। କିନ୍ତୁ ଯେବେ କିଶୋରୀ କିଶୋର ବା ଯୁବତୀ ଯୁବକଙ୍କ ଆତ୍ମହତ୍ୟା ପ୍ରସଙ୍ଗ ଆସେ ଏହି ହାର ସମ୍ପୂର୍ଣ୍ଣ ଓଲଟା ପରିଲକ୍ଷିତ ହୋଇଥାଏ। ଏଥିଲାଗି ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅନକେ ପରିମାଣରେ ଦାୟୀ ବୋଲି ମତ ପ୍ରକାଶ ପାଉଛି। ଭାରତର ଉଚ୍ଚଶିକ୍ଷା ବ୍ୟବସ୍ଥା ଅତ୍ୟଧିକ ଚାକିରିକୈନ୍ଦ୍ରିକ ହୋଇପଡ଼ିଥିବାରୁ ଉଚ୍ଚଶିକ୍ଷିତ ଛାତ୍ରଛାତ୍ରୀମାନେ ଆତ୍ମନିଯୁକ୍ତ ହେବା ପ୍ରତି ଆଗ୍ରହ ପ୍ରଦର୍ଶନ ନକରି କେବଳ ଚାକିରି ପଛରେ ଗୋଡାଉଛନ୍ତି ଏବଂ ଆମ ଦେଶରେ ବାରମ୍ବାର ଦେଖାଯାଉଥିବା ନିଯୁକ୍ତି ସଂକୋଚନ ହେତୁ ଚାକିରି ନପାଇ ସେମାନଙ୍କ ଭିତରୁ ଅନେକ ହତାଶା ଜର୍ଜରିତ ହୋଇ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି। ଆମ ଉଚ୍ଚଶିକ୍ଷା ବ୍ୟବସ୍ଥା କେବଳ ଚାକିରିକୈନ୍ଦ୍ରିକ ଛାତ୍ରଛାତ୍ରୀଙ୍କ ସାମଗ୍ରିକ ସାମର୍ଥ୍ୟ ବୃଦ୍ଧିକୈନ୍ଦ୍ରିକ ହେବା ଉଚିତ। କିଶୋରମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି। ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢୁଛି। ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟଠାରୁ ଅଧିକ ପାଇବାର ଆଶା ରଖି ତା' ଉପରେ ଏକପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି। ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି, ସେମାନେ ନିଜକୁ ଅପରାଗ ଓ ଅନ୍ୟମାନଙ୍କଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି। ସେହିପରି କେତେକ କ୍ଷେତ୍ରରେ ମନ ପସନ୍ଦର ପାଠପଢ଼ା ବା କ୍ୟାରିୟର ଗଠନର ସ୍ୱାଧୀନତା ନପାଇବାରୁ ପିଲାମାନେ ମୃତ୍ୟୁପରି ଭୟଙ୍କର ନିଷ୍ପତ୍ତି ନେଇଥାନ୍ତି। ସେହିପରି ଅନ୍ୟତମ ବଡ଼ କାରଣ ହେଉଛି ପାରିବାରିକ ସମସ୍ୟା। ବର୍ତ୍ତମାନ ଅଧିକାଂଶ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବିଭିନ୍ନ କାରଣରୁ ଘରେ ମାନସିକ ଅଶାନ୍ତି ଓ ଝଗଡ଼ା ଲାଗି ରହୁଥିବାରୁ ପିଲାମାନେ ଏକ୍ଷେତ୍ରରେ ବାପମାଙ୍କଠାରୁ ସ୍ନେହଶ୍ରଦ୍ଧା କମ୍ ପାଇ ମାନସିକ ଭାବରେ ଏକୁଟିଆ ଅନୁଭବ କରି ଦୀର୍ଘସମୟ ଧରି ଚୁପ୍‌ଚାପ ବସି ରହନ୍ତି। ସେହିପରି ସାଧାରଣ ଜୀବନରେ ହଠାତ୍ କିଛି ପରିବର୍ତ୍ତନ ଆସିବା ଆତ୍ମହତ୍ୟା ମନୋବୃତ୍ତି ସୃଷ୍ଟିର ଆଶଙ୍କାକୁ ବଢ଼ାଇଥାଏ। ସେହିପରି କେହି କେହି ଆତ୍ମହତ୍ୟା କରିବି ବୋଲି ଖୋଲାଖୋଲି ଭାବେ ମଧ କହିଥା'ନ୍ତି। ତେବେ ଏ କ୍ଷେତ୍ରରେ ପରିବାରବର୍ଗ ଓ ବନ୍ଧୁପରିଜନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ। ଏ କ୍ଷେତ୍ରରେ ପିଲାଟିକୁ ମାନସିକ ଭାବରେ ଓ ନୈତିକ ସ୍ତରରେ ଧୈର୍ଯ୍ୟ, ସାହସ ଓ ଦୃଢ଼ ମନୋବଳର ପ୍ରେରଣା ଦିଅନ୍ତୁ। କୌଣସି ପରିସ୍ଥିତିରେ ତାକୁ ନିଃସଙ୍ଗତାର ଅନୁଭବ କରିବାକୁ ଦିଅନ୍ତୁନାହିଁ। ବରଂ ଭଲ ହେବ ପିଲାଟିକୁ କୌଣସି ପ୍ରକାର ଆଧ୍ୟାତ୍ମିକ ରାସ୍ତାର ବାଟ ଦେଖାଇବା। ନିଜର ବ୍ୟସ୍ତବହୁଳ ସମୟରୁ କିଛି କାଢ଼ି ପିଲାଟି ସହିତ ମନଖୋଲା କଥା ହୁଅନ୍ତୁ। କୌଣସି ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ ବା ପିଲାଟିର ସ୍ମୃତି ରହିଥିବା ଜାଗାକୁ ତାକୁ ବୁଲାଇ ନିଅନ୍ତୁ। ମଠ, ମନ୍ଦିର ଯିବାକୁ ଇଚ୍ଛା କରୁଥିଲେ ତ' ଖୁବ୍ ଭଲ। ତେବେ ଏ ସବୁ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ। ଧୈର୍ଯ୍ୟହରା ନ ହୋଇ ନିୟମିତ ଡାକ୍ତରୀ ପରାମର୍ଶ ନେଇ ପିଲାମାନଙ୍କୁ ଭଲ ରାସ୍ତା ଦେଖାଇଲେ ଦେଖିବେ ଏହି ସୁଇସାଇଡ଼୍‌ର ମାତ୍ରା ନିଶ୍ଚିତ ଭାବରେ କମିଯିବ। ପିଲାଙ୍କ ପରୀକ୍ଷା ସମୟରେ ପିତାମାତା, ଆତ୍ମୀୟସ୍ୱଜନଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି। ପିଲାଟିର ଖାଇବା, ବିଶ୍ରାମ ସହ ତା'ର ମାନସିକ କ୍ଷେତ୍ରକୁ ସଠିକ ଭାବେ ଦେଖନ୍ତୁ। ତା' ଉପରେ ପରୀକ୍ଷାର ମାର୍କ, ପରୀକ୍ଷାଫଳ ଓ ଟାକ୍ସ ଏସବୁକୁ ଗୁରୁତ୍ୱ ଦିଅନ୍ତୁ ନାହିଁ। ତା' ମନ ଭିତରେ ପ୍ରଫୁଲ୍ଲତା ଭରି ଦିଅନ୍ତୁ, ତାକୁ ଉତ୍ସାହ ଦିଅନ୍ତୁ, ତାହା ସହିତ ବନ୍ଧୁଟିଏ ପାଲଟି ତା' ଚାପ ବା ହତାଶାଭାବ ବୋଧକୁ ଲକ୍ଷ୍ୟ ରଖି ତାକୁ ସାନ୍ତ୍ୱନା ଦିଅନ୍ତୁ। ଦେଖିବେ ପିଲାଟି ନିଶ୍ଚିତ ଭଲ ପରୀକ୍ଷାଫଳ ପାଇବ। ତା' ପାଇଁ ପରୀକ୍ଷା ଚାପ ନୁହେଁ ବାସ୍ତବିକ ଏକ ପର୍ବ ଭାବେ ପ୍ରତୀୟମାନ ହେବ।

**ଡାକ୍ତର ସମ୍ରାଟ କର,** ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

# ନାଗରିକତା ଆଇନ୍ ଦ୍ୱାରା ଆଦିବାସୀ-ବନବାସୀ ବିଶେଷ କ୍ଷତିଗ୍ରସ୍ତ ହେବେ

ରାଉରକେଲା (ପିଏନ୍): କେନ୍ଦ୍ର ସରକାରଙ୍କ ସଂଶୋଧିତ ନାଗରିକତା ଆଇନ୍ (ସିଏଏ) ଦ୍ୱାରା ଆଦିବାସୀ, ମୂଳବାସୀ ଓ ଭୂମିହୀନ ବନବାସୀ ସମ୍ପ୍ରଦାୟ ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ । ତେଣୁ କେନ୍ଦ୍ର ସରକାରଙ୍କ ଏହି କଳା ଆଇନ୍ ଓ ପ୍ରସ୍ତାବିତ ଏନ୍ଆର୍‌ପି, ଏନ୍‌ପିଆର୍‌କୁ ଆଦିବାସୀ, ବନବାସୀମାନେ ସଙ୍ଗଠିତ ହୋଇ ଜୋରଦାର ବିରୋଧ କରିବାକୁ ବିଶିଷ୍ଟ ପରିବେଶବିତ୍ ତଥା ଲୋକଶକ୍ତି ଅଭିଯାନର ରାଜ୍ୟ ସଭାପତି ପ୍ରଫୁଲ୍ଲ ସାମନ୍ତରାୟ ଆହ୍ୱାନ ଜଣାଇଛନ୍ତି । ଗତ ତା-୧୨.୨.୨୦ରିଖ ଗୁରୁଣ୍ଡିଆ ବ୍ଲକ୍‌ର ସୋଲ ପଞ୍ଚାୟତ ଠାକୁରପାଲ୍ଲୀଠାରେ ପେସା ଗ୍ରାମସଭାର ପ୍ରତିଷ୍ଠା ଦିବସ ପାଳନ ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ସାମନ୍ତରାୟ କେନ୍ଦ୍ରର ସଂଶୋଧିତ ନାଗରିକତା ଆଇନ୍ ଓ ପ୍ରସ୍ତାବିତ ଏନ୍ଆର୍‌ପି ଏବଂ ଏନ୍‌ପିଆର୍ ଲାଗୁ କରିବାର ଉଦ୍ଦେଶ୍ୟ ସମ୍ପର୍କରେ ବିଶଦ ଭାବେ ଅବତାରଣା କରିଥିଲେ । ଜଙ୍ଗଲ ଜମି ଅଧିକାର ଆଇନ୍‌କୁ ଏ ପର୍ଯ୍ୟନ୍ତ ଓଡିଶା ସରକାର ସଠିକ୍ ଭାବେ କାର୍ଯ୍ୟକାରୀ କରିନଥିବା ବେଳେ କେନ୍ଦ୍ର ସରକାର ଉକ୍ତ ଆଇନ୍‌କୁ ଅକାମୀ କରିବାକୁ ଚକ୍ରାନ୍ତ କରୁଛନ୍ତି । ଏହି ପରିସ୍ଥିତିରେ ଦେଶର ନାଗରିକତା ପାଇବା ପାଇଁ ଭୂମିହୀନ ଆଦିବାସୀ ଓ ବନବାସୀ ପରିବାର ଜାଗା ଜମିର ରେକର୍ଡ କେଉଁଠାରୁ ପାଇବେ ବୋଲି ପ୍ରଶ୍ନ କରିଥିଲେ । ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ତଥା ପେସା ଆଇନ୍‌ର କର୍ଣ୍ଣଧାର ଜର୍ଜ ତିର୍କୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଜଙ୍ଗଲ ଜମି ଅଧିକାର ଓ ପେସା ଆଇନ୍ କାର୍ଯ୍ୟକାରୀ ପାଇଁ ଆଦିବାସୀ, ମୂଳବାସୀ ତଥା ବନବାସୀମାନେ ସଂଗ୍ରାମ କରୁଥିବା ବେଳେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ସିଏଏ, ଏନ୍ଆର୍‌ପି ଓ ଏନ୍‌ପିଆର୍ ଲାଗୁ କରିବା ପାଇଁ ତତ୍ପର ହେବା ଦୁର୍ଭାଗ୍ୟଜନକ ବୋଲି କହିଥିଲେ । ଆଦିବାସୀ ବନବାସୀ ସମ୍ପ୍ରଦାୟର ବର୍ତ୍ତମାନ ପିଢି ନିକଟରେ ଆବଶ୍ୟକୀୟ କାଗଜପତ୍ର ନଥିବା ବେଳେ କେନ୍ଦ୍ର ସରକାରଙ୍କ ନାଗରିକତା ପାଇବା ପାଇଁ ତିନି ପିଢିର କାଗଜପତ୍ର ସେମାନେ କେଉଁଠାରୁ ପାଇବେ ବୋଲି ଶ୍ରୀ ତିର୍କୀ ପ୍ରଶ୍ନ କରି ସଙ୍ଗଠିତ ହୋଇ ଏହି କଳା ଆଇନ୍‌ର ବିରୋଧ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ଯୁବନେତା ରୋହିତ ଯୋଶେଫ ତିର୍କୀ, ସାମାଜିକ କର୍ମୀ ଅନନ୍ତ ପଣ୍ଡା, ଦିଲ୍ଲୀପ ଲାହିରି ଓ ଜ୍ଞାନେନ୍ଦ୍ର ଦାସ ପ୍ରମୁଖ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ଆଦିବାସୀ ଓ ବନବାସୀଙ୍କ ସ୍ୱାର୍ଥ ପ୍ରତି ନକାରାତ୍ମକ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ପେସା ଗ୍ରାମସଭାର ପଞ୍ଚାୟତ ସଭାପତି ରାକେଶ କାଣ୍ଡଲୁନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟ ସେମାନଙ୍କ ପାରମ୍ପରିକ ନୃତ୍ୟଗୀତର ତାଳେତାଳେ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ସେମାନଙ୍କ ସମସ୍ୟା ବର୍ଣ୍ଣନା କରି ଜନଜାଗରୁକତା ପାଇଁ ଅଭିନବ ପ୍ରୟାସ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପେସା ଗ୍ରାମସଭା ସମ୍ପାଦକ ପଲିସର କୁଲୁ, କୋଷାଧକ୍ଷ ମୋନିକା ଯୋଯୋ, ସଭ୍ୟ ଦାଉଦ କୁଜୁର, ନୋଏଲ ଡାଙ୍ଗ, ପାଲିମ ଯୋଯୋ ଓ ଇସ୍ରାଏଲ ପ୍ରମୁଖ ପରିଚାଳନା କରିଥିବା ବେଳେ ପ୍ରାୟ ୨ ହଜାରରୁ ଅଧିକ ଲୋକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

## ପଢିଆରୀ ଦମ୍ପତିଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର (ପିଏନ୍)- ତ୍ରୈମାସିକ ସାହିତ୍ୟ ଓ ସଂସ୍କୃତି ପତ୍ରିକା ନବ କାକଳିର ରୌପ୍ୟ ଜୟନ୍ତୀ ଉତ୍ସବ ଭାରତୀୟ ବିଦ୍ୟାଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କବିତା ପାଠ ଉତ୍ସବରେ ଶ୍ରେଷ୍ଠ କବିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଇଂ ଲଡୁ କିଶୋର ପଢିଆରୀଙ୍କ କବିତା ଶାରଙ୍ଗକଣ୍ଠ ବଚନ ମୁଖ୍ୟଅତିଥି ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଥିଲା । ଇଂ ପଢିଆରୀଙ୍କୁ ମାନପତ୍ର, ଉପଢୌକନ, ଟ୍ରଫି ଓ ପୁଷ୍ପଗୁଚ୍ଛ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ଶ୍ରୀ ପଢିଆରୀଙ୍କ ପତ୍ନୀ ଓଡ଼ିଆ ଲେଖିକା ସଂସଦର ୨୭ତମ ବାର୍ଷିକ ଉତ୍ସବ ଅବସରରେ ଇନ୍‌ଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟରସ୍‌ଠାରେ ସମ୍ବର୍ଦ୍ଧିତ ହୋଇଥିଲେ । ତ୍ରୈମାସିକ କଳା ସାହିତ୍ୟ ଏବଂ ସଂସ୍କୃତି ପତ୍ରିକା ମଧୁର ଭାରତୀର ସମ୍ପାଦିକା ଶ୍ରୀମତୀ ଜୟନ୍ତୀ ପଢିଆରୀଙ୍କୁ ପ୍ରସନ୍ନ ଶରତ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି ।

## ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ପାଖର ପଞ୍ଚାୟତ ବାଜବାଟି ଗାଁ ରାସ୍ତାରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଭାବେ ଆହତ ହୋଇଛନ୍ତି । ସ୍ଥାନୀୟ ମହିଶରା ଗ୍ରାମର ତୋଫାନ ମଲିକ (୬୧) ଏକ ସାଇକେଲରେ ଘରକୁ ଫେରୁଥିବା ବେଳେ ତାଙ୍କୁ କୌଣସି ଏକ ଗାଡି ଧକ୍କା ଦେଇଥିଲା । ଫଳରେ ସେ ରାସ୍ତାପାର୍ଶ୍ୱକୁ ଛିଟିକି ପଡିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ନିକଟସ୍ଥ ଲୋକମାନେ ତାଙ୍କୁ ନେଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ମାନବିକତା ପକ୍ଷରୁ ପୁଲୱାମା ଶହୀଦଙ୍କୁ ଶ୍ରଦ୍ଧାଂଜଳି ଓ ରକ୍ତଦାନ ଶିବିର




ରାଉରକେଲା (ପିଏନ୍): ଶିଳ୍ପ ସହର ରାଉରକେଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବିକତା ପକ୍ଷରୁ ଗତବର୍ଷ ଜମ୍ମୁ-କାଶ୍ମୀରର ପୁଲୱାମାଠାରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣରେ ୪୦ରୁ ଉର୍ଦ୍ଧ୍ୱ ଭାରତୀୟ ବୀର ଯବାନ ଶହୀଦ ହୋଇଥିଲେ । ଏହି ଘଟଣାକୁ ମନେପକାଇ ମାନବିକତା ଅନୁଷ୍ଠାନ ଅଧକ୍ଷ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ଶହୀଦ ଯବାନମାନଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଂଜଳି ସଭା ଓ ରକ୍ତଦାନ ଶିବିର ସେକ୍ଟର-୮ ସ୍ଥିତ ଜିଏମ୍ଏମ୍ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀ ଶ୍ରଦ୍ଧାଂଜଳି ସଭା ଓ ରକ୍ତଦାନ ଶିବିରର ଉଦ୍‌ଘାଟନ କରି ଆତଙ୍କୀ ଆକ୍ରମଣରେ ଶହୀଦ ହୋଇଥିବା ୪୦ ଜଣ ଯବାନଙ୍କ ପ୍ରତି ସରକାରଙ୍କ ତରଫରୁ ଅବହେଳା ପ୍ରଦର୍ଶନ କରାଯାଉଛି ବୋଲି କହିଥିଲେ । ଶ୍ରୀ ତିର୍କୀ ଆହୁରି କହିଲେ ଯେ, ଏହି ଘଟଣାରେ ଶହୀଦ ହୋଇଥିବା ଯବାନଙ୍କ ପରିବାର ବର୍ଗଙ୍କୁ ସରକାର ଦେଇଥିବା ପ୍ରତିଶ୍ରୁତି ଅଦ୍ୟାବଧି ପୂରଣ କରାଯାଇ ନାହିଁ । ତେଣୁ ସରକାର ତାଙ୍କ ପ୍ରତିଶ୍ରୁତି ରକ୍ଷା କରିବାରେ ଯତ୍ନବାନ ହେଲେ ତାହା ହେବ ସେମାନଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଂଜଳି ବୋଲି କହିଥିଲେ । ଏଥିସହ ସ୍ୱେଚ୍ଛାକୃତ ରକ୍ତଦାନ ଭଳି ମହତକାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ହେବା ଉଚିତ୍ । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ବିରେନ ସେନାପତି ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଆଗେଇ ଆସିବାକୁ ଯୁବବର୍ଗଙ୍କୁ ଆହ୍ୱାନ ଦେଇଥିଲେ । ସେହିଭଳି ମାନବକିତା ଅନୁଷ୍ଠାନ ଅଧକ୍ଷ ପ୍ରଶାନ୍ତ ସେଠୀ କହିଲେ ଯେ, ଜଣେ ଦାନ କଲେ ଅନ୍ୟ ଜଣେ ପାଇଥାଏ । ତେଣୁ ସ୍ୱେଚ୍ଛାକୃତ ଭାବେ ଏଭଳି ମହତ କାର୍ଯ୍ୟକୁ ଆପଣେଇବାର ସମୟ ଉପନୀତ ହୋଇଛି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାତୀ ମିଶ୍ର, ସରୋଜ ଲେଙ୍କା, ନିରୂପମା ବଳିୟାରସିଂହ, ରୋହିତ ଯୋଶେଫ ତିର୍କୀ, ଗୋପାଳ ଦାସ, କୈଳାସ ଚନ୍ଦ୍ର ସାହୁ, ଜ୍ଞାନେନ୍ଦ୍ର ଦାସ, ଦିଲ୍ଲୀପ ଲାହିରିଙ୍କ ସମେତ ମାନବିକତାର କର୍ମକର୍ତ୍ତାମାନେ ବହୁସଂଖ୍ୟାରେ ଯୋଗଦାନ କରି ଶହୀଦମାନଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଂଜଳି ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଅମ୍ରିତ କୌର, ବନଲତା ବେହେରା, ବ୍ରିନ୍ଦା ପ୍ରସାଦ, ରାଜଶ୍ରୀ ମହାପାତ୍ର, ବିଶ୍ୱରଂଜନ ରାଉତ, ବିଶ୍ୱରଂଜନ ସାହୁ, ସରୋଜ ମହାନ୍ତି, ସୁନୀଲ ପଟ୍ଟନାୟକ, ଆନନ୍ଦ ଟପ୍ପୋ, ସନ୍ତୋଷ କୁଜୁର, ଦିଲ୍ଲୀପ ମୁଖୀ, ସୁଲେମାନ କାଉଡିଆ, ଗୋପୀନାଥ ରଣା, ଅନୀଲ ମହାନ୍ତି, ଶଙ୍କର ଦାସ, ଅନୀଲ ଗୁରୁମ, ସାର୍ଥକ ମହାନ୍ତି, ପ୍ରଶାନ୍ତ ଦାସ, ରାଜକୁମାର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Wednesday February 19 ଭୁବନେଶ୍ୱର ବୁଧବାର, ଫେବୃଆରୀ ୧୯ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com




## କବାଡ଼ିରେ ସ୍ୱର୍ଣ୍ଣ ହାସଲ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ

ଭୁବନେଶ୍ୱର: ଅନୁପ କୁମାର ଏବଂ ସୁରେନ୍ଦର ନାଡାଙ୍କ ଭଳି କବାଡ଼ି କିମ୍ବଦନ୍ତୀମାନେ ହରିୟାଣା ରାଜ୍ୟରେ କବାଡ଼ି ପରମ୍ପରାକୁ ଜୀବିତ ରଖିବାରେ ଯୁବପିଢ଼ୀଙ୍କୁ ଅନୁପ୍ରାଣିତ କରିଛନ୍ତି । ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ସହିତ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ କୋଣ ଅନୁକୋଣର ପ୍ରତିଭାବାନ ଖେଳାଳୀମାନଙ୍କୁ ଦେଖିବାକୁ ଯାଉଛି । ଖେଲୋ ଇଣ୍ଡିଆ ୟୁଥ ଗେମ୍ସର ତିନୋଟି ସଂସ୍କରଣର ସଫଳ ଆୟୋଜନ ପରେ, ଆହୁରି ଅଧିକ ଖେଳ ପ୍ରତିଭାଙ୍କୁ ଖୋଜି ବାହାର କରିବା ପାଇଁ ଭାରତ ସରକାର ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସର ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନେଇଛନ୍ତି ଯାହାକି ଆସନ୍ତା ଫେବୃଆରୀ ୨୨ ରୁ ମାର୍ଚ୍ଚ ୧ ପର୍ଯ୍ୟନ୍ତ ଓଡ଼ିଶାରେ ଆୟୋଜିତ ହେବାକୁ ଯାଉଛି ।ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ (ରୋହତକ)ରୁ ମୋହିତ ଶେରାଓ୍ୱତ କହିଛନ୍ତି ଯେ ବାଳକ କବାଡ଼ି ପ୍ରତିଯୋଗୀତାରେ ସ୍ୱର୍ଣ୍ଣ ହାସଲ କରିବା ପାଇଁ ତାଙ୍କ ଦଳ ସୁନିଶ୍ଚିତ ଅଛନ୍ତି । ଗତବର୍ଷ ଡିସେମ୍ବରରେ ଏହି ବିଶ୍ୱବିଦ୍ୟାଳୟ ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀତା (ଅଲ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ) ଜିତିଥିଲା । ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଆମେ ଆମର ସର୍ବ ଭାରତୀୟ ବିଶ୍ୱବିଦ୍ୟାଳୟ ପ୍ରତିଯୋଗୀତାର ପ୍ରଦର୍ଶନକୁ ଦୋହରାଇବା ପାଇଁ ପ୍ରସ୍ତୁତ ଅଛୁ ବୋଲି ଏହି ୨୧ ବର୍ଷୀୟ ଖେଳାଳୀ କହିଛନ୍ତି । ସେହିଭଳି ହରିୟାଣାର ଅନ୍ୟ ଏକ ବିଶ୍ୱବିଦ୍ୟାଳୟ କୁରୁକ୍ଷେତ୍ର ବିଶ୍ୱବିଦ୍ୟାଳୟର ରୋହିତ କୁମାର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟକୁ ନିଜର କଡ଼ା ପ୍ରତିଦ୍ୱନ୍ଦୀ ଭାବେ ବିବେଚିତ କରିଥିବାବେଳେ ଖେଲୋ ଇଣ୍ଡିଆ ଗେମ୍ସରେ ସ୍ୱର୍ଣ୍ଣ ହାସଲ କରିବା ନିମନ୍ତେ ଦୃଢ଼ ଆଶାୟୀ ଅଛନ୍ତି । ସେହିଭଳି ବାଳିକା କବାଡ଼ି ପ୍ରତିଯୋଗୀତାରେ ହିମାଚଳ ପ୍ରଦେଶ ବିଶ୍ୱବିଦ୍ୟାଳୟ ଏକ କଡ଼ା ଟକ୍କର ଦେବ ବୋଲି ମୁମ୍ବାଇ ବିଶ୍ୱବିଦ୍ୟାଳୟର ତାନସିମ ସମଦ ବୁରୋନ୍ଦକର ନିଜ ପ୍ରତିକ୍ରିୟାରେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଯେ, 'ଯଦି ଆମେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସରେ ଭଲ ପ୍ରଦର୍ଶନ କରିବୁ ତେବେ ଏହା ଆମ ପାଇଁ ବହୁତ ଭଲ ହେବ । ଏହା ଏକ ମ ଯେଉଁଠାରେ ଆମେ ନିଜର ପ୍ରତିଭା ଏବଂ କୌଶଳର ପ୍ରଦର୍ଶନ କରିପାରିବୁ ।'

## ଆଇଟେଲ୍ ସ୍ମାର୍ଟଫୋନ୍‌ର ମୂଲ୍ୟ ମାତ୍ର ୫୪୯୯/- ଟଙ୍କା

ଭୁବନେଶ୍ୱର : ଅଗ୍ରଣୀ ସ୍ମାର୍ଟଫୋନ୍ ବ୍ରାଣ୍ଡ ଆଇଟେଲ ନିଜର ନୂତନ ଭିଜନ-୧ର ବଜାର ପ୍ରବେଶ କରାଇଛି । ୨୦୨୦ ମସିହାର ଏହି ଭିଜନ-୧ ମୋବାଇଲ୍‌ରେ ଗ୍ରାହକ ମାନଙ୍କ ପାଇଁ ରହିଛି ବହୁତ ଅଧୁନିକ ସୁବିଧା । ଯେଉଁଥିରେ ରହିଛି ଏଚ୍‌ଡି + ଆଇପିଏସ୍ ୱାଟରଡ୍ରପ ଡିସ୍‌ପ୍ଲେ ଏବଂ ୪୦୦୦ ଏମ୍ଏଏଚ୍‌ର ବୃହତ ବ୍ୟାଟେରି, ଏଆଇ ଡୁଆଲ କ୍ୟାମେରା, ୧.୬ ଜିଏଚ୍‌ଜେଡ୍ ଓକଟା କୋର ପ୍ରୋସେସର୍, ଡୁଆଲ୍ ଆକ୍ଟିଭ୍ ୪ଜି ଭୋଲ୍ଟ ଓ ଭୋୱାଇଫାଇ, ୩୨ଜିବି ରୋମ । ଏଥିରେ ଗ୍ରାହକଙ୍କୁ ମାଗଣା ବ୍ଲୁଟୁଥ ୱାରଲେସ୍ ହେଡସେଟ୍ ମିଳୁଛି ଯାହାର ମୂଲ୍ୟ ୭୯୯/- ଟଙ୍କା । ଏହିସବୁ ବୈଶିଷ୍ଟ ଥିବା ଆଇଟେଲ ଭିଜନ-୧ର ମୂଲ୍ୟ ମାତ୍ର ୫୪୯୯/- ଟଙ୍କା ।ଏହି ଅବସରରେ ଟ୍ରାସିୟନ୍ ଭାରତର, ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ, ଶ୍ରୀଯୁକ୍ତ ଅରିଜିତ୍ ତାଲାପାତ୍ର କହିଛନ୍ତି ଯେ, 'ଗ୍ରାହକ ମାନଙ୍କ ଚାହିଦାକୁ ନଜରରେ ରଖି ଆମେ ଏହାକୁ ତିଆରି କରିଛୁ । ଏହା ଗ୍ରାହକ ମାନଙ୍କୁ ବହୁତ କମ୍ ମୂଲ୍ୟରେ ଯୋଗାଇ ଦିଆଯାଉଛି । ଗ୍ରାହକ ମାନଙ୍କୁ କମ୍ ମୂଲ୍ୟରେ ଏହି ସବୁ ବୈଶିଷ୍ଟ ବିଶିଷ୍ଟ ଫୋନ ପ୍ରଦାନ କରାଯାଉଛି ଏବଂ ଏହା ଗ୍ରାହକ ମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା କରାଯାଉଛି ।'

## ହୋଣ୍ଡା ପକ୍ଷରୁ ଭାରତରେ ପ୍ରମୁଖ 'ଫ୍ରୋଜା ୩୦୦' ସ୍କୁଟରର ଡେଲିଭରି ଆରମ୍ଭ




ଭୁବନେଶ୍ୱର: ହୋଣ୍ଡା ମୋଟରସାଇକଲ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ହୋଣ୍ଡା ବିଗ୍ ୱିଙ୍ଗ୍ ଉତ୍ପାଦ ବର୍ଗକୁ ସଂପ୍ରସାରିତ କରାଯାଇଛି । କଂପାନି ପକ୍ଷରୁ ଭାରତରେ ଏହାର ପ୍ରମୁଖ ସ୍କୁଟର ଫ୍ରୋଜା ୩୦୦ର ଡେଲିଭରି ଆରମ୍ଭ କରାଯାଇଛି । ଗମନାଗମନ, ଷ୍ଟାଇଲ ଓ ପ୍ରଦର୍ଶନକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଥିବା ଫ୍ରୋଜା ୩୦୦ ହେଉଛି ଭାରତର ପ୍ରଥମ ପ୍ରିମିୟମ୍ ମିଡ୍-ସାଇଜ୍ (ମଧ୍ୟମ ଆକାରର) ସ୍କୁଟର । ଏହି ଅବସରରେ ଶ୍ରୀଯୁକ୍ତ ମିନୁରୋ କାଟୋ, ସଭାପତି, ସିଇଓ ଓ ଏମ୍‌ଡି, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ ସ୍କୁଟର ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, 'ହୋଣ୍ଡା ବିଶ୍ୱ ସ୍ତରରେ ଫନ୍-ମଡେଲ୍ ଉତ୍ପାଦର ଏକ ପରମ୍ପରା ରହିଛି । ଫ୍ରୋଜା ୩୦୦କୁ ଉପସ୍ଥାପନ କରିବା ସହିତ ଅମେ ବହୁତ ଗର୍ବିତ ଯେ ସ୍କୁଟରାଇଜେସନ୍‌ର ତରଙ୍ଗକୁ ଆମେ ଆଉ ଟିକେ ଉର୍ଦ୍ଧ୍ୱକୁ ନେଇପାରିଛୁ । ମଧ୍ୟମ ଆକାରର ସ୍କୁଟର ବର୍ଗରେ ଏହା କେବଳ ହୋଣ୍ଡାକୁ ଉପସ୍ଥାପିତ କରିବ ନାହିଁ ବରଂ ଏହା ଆମକୁ ନୂତନ ପ୍ରକାରର ଗ୍ରାହକ ଯେଉଁମାନେ ଲକ୍‌ଜୁରି ଓ କୌତୁକ ଗାଡ଼ିଚାଳନା ପସନ୍ଦ କର ସେମାନଙ୍କ ଆବଶ୍ୟକତାକୁ ପୂରଣ କରିବ ।'' ଅଧିକ ବିବରଣୀ ପ୍ରଦାନ କରି ଶ୍ରୀଯୁକ୍ତ ୟଦବିନ୍ଦର ସିଂହ ଗୁଲେରିଆ, ବରିଷ୍ଠ ଉପସଭାପତି, ବିକ୍ରି ଓ ମାର୍କେଟିଂ, ହୋଣ୍ଡା ମୋଟରସାଇକଲ୍ ଆଣ୍ଡ୍ ସ୍କୁଟର ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, 'ଗୁରୁଗାମରେ ଥିବା ହୋଣ୍ଡା ବିଗ୍ ୱିଙ୍ଗରେ ପ୍ରଦର୍ଶିତ ଫ୍ରୋଜା ୩୦୦କୁ ନେଇ ଗ୍ରାହକମାନଙ୍କ ଠାରୁ ମିଳଥିବା ସମର୍ଥନକୁ ନେଇ ଆମେ ବହୁତ ଉତ୍ସାହିତ, ଯାହାକୁ ଭାରତରେ ଉପସ୍ଥାପନ କରିବାକୁ ହୋଣ୍ଡା ନିଷ୍ପତି ନେଇଛି । ଆମେ ଗର୍ବର ସହିତ ଘୋଷଣା କରୁଛୁ ଯେ ଆମେ ଆମର ଗ୍ରାହକଙ୍କ ପ୍ରଥମ ୪ଟି ଗାଡ଼ିକୁ ହସ୍ତା'ର କରିଛୁ । ଆଗାମୀ ଦିନରେ ଆମେ ୨୦୨୧ ଆର୍ଥିକ ବର୍ଷରୁ ୟୁରୋ-୫ ନିୟମ ପାଳନ କରୁଥିବା ମଡେଲ୍ ଉପସ୍ଥାପନ କରିବା ବିଷୟରେ ଘୋଷଣା କରିବୁ ।''ଫ୍ରୋଜା ୩୦୦ରେ ୨୭୯ ସିସି ଲିକ୍ୱିଡ କୁଲଡ୍, ଫୁଏଲ୍ ଇଜେଂକ୍ଟେଡ୍ ଫୋର ଭାଲଭ ଇଂଜିନ ରହିଛି । ଏହା ହେଉଛି ହୋଣ୍ଡାର ପ୍ରଥମ ସ୍କୁଟର ଯେଉଁଥିରେ ହୋଣ୍ଡା ସିଲେକ୍ଟେବଲ୍ ଟର୍କ କଂଟ୍ରୋଲ୍ (ଏଚଏସଟିସି)କୁ ବ୍ୟବହାର କରାଯାଇଛି । ଏଥିରେ ଡୁଆଲ୍ ଚ୍ୟାନେଲ୍ ଏବିଏସ୍ ବ୍ୟବସ୍ଥା ରହିଛି ।

## ଭାରତର ପରବର୍ତ୍ତୀ ହିପ୍-ହପ୍ ଷ୍ଟାର ଖୋଜିବାକୁ ରେଡ ବୁଲ୍ ସ୍ୱଟଲାଇଟ ୩ୟ ସିଜନ୍ ଚଳିତ ମାସରୁ ଆରମ୍ଭ

ଭୁବନେଶ୍ୱର: ଭାରତର ପରବର୍ତ୍ତୀ ହିପ୍-ହପ୍ ଷ୍ଟାର ଖୋଜିବାକୁ ଦେଶବ୍ୟାପୀ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ରେଡ ବୁଲ୍ ସ୍ୱଟଲାଇଟର ତୃତୀୟ ସିଜନ ଚଳିତ ମାସରେ ଆରମ୍ଭ ହେବାକୁ ଯାଉଛି । ଏହା ଭୁବନେଶ୍ୱର, ଜୟପୁର, ମୁମ୍ବଇ, ନଏଡା, ଚେନ୍ନଇ, ଗୁଆହାଟି, ହାଇଦରାବାଦ, କୋଚି, ଇନ୍ଦୋର, ପୁଣେ, ଚଣ୍ଡିଗଡ ଆଦି ସହରରେ ଅନୁଷ୍ଠିତ ହେବ । ଭୁବନେଶ୍ୱର ଅଡିସନ ଚଳିତ ମାସ ୨୪ ତାରିଖରେ ସିଲିକନ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍‌ନୋଲୋଜିରେ ଆୟୋଜନ କରାଯାଇଛି । ସହର ପର୍ଯ୍ୟାୟର ବିଜେତା ଜାତୀୟସ୍ତରର ଫାଇନାଲ୍‌ରେ ଅଂଶଗ୍ରହଣ କରିବେ ଏବଂ ସେଠାରେ ପ୍ରତ୍ୟେକ ଫାଇନାଲିଷ୍ଟ ସେମାନଙ୍କର ପ୍ରଦର୍ଶନ କରିବାପରେ ଜଣଙ୍କୁ ଜାତୀୟ ଚମ୍ପିଆନର ମୁକୁଟ ପିନ୍ଧାଯିବ । ବିଜେତାଙ୍କୁ ସେମାନଙ୍କର ପୂର୍ଣ୍ଣାଙ୍ଗ ଆଲ୍‌ବମକୁ ଏକ ପେଶାଦାର ଷ୍ଟୁଡିଓରେ ରେକର୍ଡ କରିବା ସୁଯୋଗ ଦିଆଯିବ ଏବଂ ତାହାସହିତ ସେମାନଙ୍କର ନୂଆକରି ରେକର୍ଡ କରାଯାଇଥିବା ଆଲ୍‌ବମ ନିମର୍ତ ଆଲବମ ଆର୍ଟ, ପୂର୍ଣ୍ଣାଙ୍ଗ ଫଟୋ ସୁଟ୍ ଏବଂ ମ୍ୟୁଜିକ ଭିଡିଓ ଥିବା ସମ୍ପୂର୍ଣ୍ଣ ପ୍ରେସକିଟ୍ ଯୋଗାଇ ଦିଆଯିବ । ଏଥିସହିତ ପ୍ରତ୍ୟେକ ସହର ବିଜେତାଙ୍କୁ ଗୋଟିଏ ଗୀତ ସହିତ ଭିଡିଓ ରେକର୍ଡ କରିବାକୁ ଷ୍ଟୁଡିଓରେ ସମୟ ଦିଆଯିବ । ୨୦୧୯ରେ ରେଡବୁଲ୍ ସ୍ୱଟଲାଇଟ ଦଶଟି ସହରରେ ଆୟୋଜିତ ହୋଇଥିଲା ଏବଂ ସେଥିରେ ମୁମ୍ବଇରେ ଜାତୀୟସ୍ତରର ଫାଇନାଲରେ ୱାରବୟଙ୍କ ସହିତ ଦେବମ୍ ଦ୍ୱୈତ ବିଜେତା ହୋଇଥିଲେ । ଏହି ଦୁଇଜଣ ସେମାନଙ୍କର ପ୍ରଥମ ଆଲ୍‌ବମ ରେକର୍ଡ କରିସାରିଛନ୍ତି, ଯାହାର ଟାଇଟଲ ରଖାଯାଇଛି 'ଆଉଟ୍ ଅଫ ବ୍ଲୁ' । ଏହା ସମସ୍ତ ଷ୍ଟ୍ରିମିଂ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି ।

## କେନ୍ଦୁଝରରେ ଖୋଲିଲା ଏଫଜିଆଇ ଏଲଆଇର ନୂଆ ଶାଖା

ଭୁବନେଶ୍ୱର : ଓଡ଼ିଶାରେ ନିଜର ଉପସ୍ଥିତି ବୃଦ୍ଧି କରିବା ଉଦ୍ଦେଶ୍ୟରେ ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ ଇନସ୍ୟୁରାନ୍‌ସ କଂପାନୀ ଲିମିଟେଡ (ଏଫଜିଆଇଏଲଆଇ) ପକ୍ଷରୁ ଆଜିକେନ୍ଦୁଝରଠାରେ ଏକ ନୂତନ ଶାଖା ଉଦ୍ଘାଟିତ ହୋଇଛି । ନୂତନ ଶାଖାଟି କେନ୍ଦୁଝର ମାଇନିଂ ସ୍କୁଲରୋଡ଼ରେ ଥିବା ୟୁକୋ ବ୍ୟାଙ୍କ ନିକଟବର୍ତ୍ତୀ କୁଅଁର କଂପ୍ଲେକ୍ସର ପ୍ରଥମ ମହାଳାରେ ଅବସ୍ଥିତ ।'ପ୍ରୋଜେକ୍ଟ ରୋର୍' ଅଭିଯାନରେ ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ ଇନସ୍ୟୁରାନ୍‌ସ କଂପାନୀଲିମିଟେଡ ବ୍ୟାପକ ସଂପ୍ରସାରଣ କାର୍ଯ୍ୟ ହାତକୁ ନେଇଛି । ଭୌଗଳିକ ସୂଚକାଙ୍କ ଅନୁଧ୍ୟାନ କରାଯିବାପରେ କେନ୍ଦୁଝରଠାରେ ଏକ ଶାଖା ପ୍ରତିଷ୍ଠା ପାଇଁ ନିଷ୍ପତି ନିଆଯାଇଥିଲା । ଏହି ଶାଖା ପ୍ରତିଷ୍ଠାରେବିଶ୍ୱବ୍ୟାଙ୍କର ଆର୍ଥିକ ଦକ୍ଷତା ସୂଚକାଙ୍କ ତଥ୍ୟ ମଧ୍ୟ ସହାୟକ ହୋଇଛି ।କେନ୍ଦୁଝର ଶାଖା ପାଇଁ କଂପାନୀ ୭ ଜଣ କର୍ମଚାରୀ ଓ ୪୨ ଜଣ ବିତରକ ନିଯୁକ୍ତି କରିବେ । 'ପ୍ରୋଜେକ୍ଟରୋର୍' ଅଭିଯାନରେ ଚଳିତ ବର୍ଷ କଂପାନୀ ୩୪୬ କର୍ମଚାରୀ ଓ ୨୦୫୮ ବିତରକ ନିଯୁକ୍ତ କରିବାପାଇଁ ଲକ୍ଷ୍ୟ କରିଛନ୍ତି । ପରବର୍ତ୍ତୀ ୨ ବର୍ଷରେ ଏହି ସଂଖ୍ୟା ବୃଦ୍ଧି କରାଯିବ ।ଦେଶରେ ଶାଖା ସଂଖ୍ୟା ବୃଦ୍ଧି ସହ ଏଜେ ନିଯୁକ୍ତି ବୃଦ୍ଧି କରିବା ଦିଗରେ କଂପାନୀ ସଂପ୍ରତି ଦୃଷ୍ଟିଦେଉଛି । ଗତ ୩ ବର୍ଷ ମଧ୍ୟରେ କଂପାନୀ ଏଜେନ୍ସୀ ଚ୍ୟାନେଲ ଜରିଆରେ ଲାଭ ଓ ଅଭିବୃଦ୍ଧି କରିଛିଯାହା କଂପାନୀର ସାମଗ୍ରୀକ ବିକାଶରେ ସହାୟକ ହୋଇପାରିଛି ।ନୂତନ ଶାଖା ଉଦ୍ଘାଟନ ଅବସରରେ ଫ୍ୟୁଚର ଜେନେରାଲି ଇଣ୍ଡିଆ ଲାଇଫ ଇନସ୍ୟୁରାନ୍‌ସ କଂପାନୀଲିମିଟେଡ଼ର ଏଜେନ୍ସୀ ମୁଖ୍ୟ ତଥା କାର୍ଯ୍ୟନିର୍ବାହୀ ଉପସଭାପତି ଶୁଭାଶିଷ ଆଚାର୍ଯ୍ୟ କହିଛନ୍ତି ଯେ, ବୀମାପାଇଁ ଭୁବନେଶ୍ୱର ଅଞ୍ଚଳରେ ବ୍ୟାପକ ସୁଯୋଗ ରହିଛି । ତେଣୁ ବୀମାକାରୀ ମାନେ ଜନସାଧାରଣଙ୍କନିକଟରେ ପହଞ୍ଚି ସେମାନଙ୍କୁ ନୂଆ ତଥା ମନପସନ୍ଦ ବୀମା ଯୋଗାଇ ଦେବାର ଆବଶ୍ୟକତା ରହିଛି ।'ପ୍ରୋଜେକ୍ଟ ରୋର୍' ଜରିଆରେ ସରକାରଙ୍କ ସହ ଭାଗିଦାର ହୋଇ ଆମେ ଗର୍ବିତ । ସମସ୍ତ ଜନସାଧାରଣଯେପରି ବୀମା ସୁବିଧା ପାଇପାରିବେ ସେଦିଗରେ ଆମେ ଦୃଷ୍ଟି ଦେବୁ ବୋଲି ସେ କହିଛନ୍ତି । ସର୍ବଦା ଏକ ସରଳ, ସ୍ମାର୍ଟ ତଥା ଦ୍ରୁତ ଗ୍ରହଣୀୟ ଉତ୍ପାଦ ପ୍ରଦାନ ଆମର ଦର୍ଶନ । ପ୍ରଯୁକ୍ତି ଉପଯୋଗରେ ଗ୍ରାହକକୈନ୍ଦ୍ରୀକ କଂପାନୀ ଭାବେ ଆମେ ବ୍ୟବସାୟର ନୂଆ ସୁଯୋଗ ସୃଷ୍ଟି କରିବା ଦିଗରେ ବ୍ରତୀ ବୋଲି ସେକହିଛନ୍ତି ।

## ଭାରତ ଉଚ୍ଚ ଚିନ୍ତାଧାରା ସହ ୧୦%ଜିଡିପି ବୃଦ୍ଧି ହାର ଲକ୍ଷ୍ୟ ରଖିବା ଉଚିତ୍: ସିଆଇଆଇ ପ୍ରେସିଡେଣ୍ଟ

ନୂଆଦିଲ୍ଲୀ : ନିଜର ପ୍ରଥମ କାର୍ଯ୍ୟଭାର ଗ୍ରହଣ କରିବା ପରେ ସିଆଇଆଇର ପ୍ରେସିଡେଣ୍ଟ ଏବଂ କିଲୋସ୍କର ସିଷ୍ଟମସ୍ ଲିମିଟେଡ୍‌ର ଚେୟାରମ୍ୟାନ୍ ଓ ଏମ୍‌ଡି ତଥା ଟୟଟା କିଲୋସ୍କରର ଭାଇସ ଚେୟାରମ୍ୟାନ ବିକ୍ରମ କିଲୋସ୍କର କହିଲେ, ସୁପର କଞ୍ଜପସନ୍, ଇନ୍‌ଭେଷ୍ଟମେଣ୍ଟ ଏବଂ ନେଟ୍ ଏକ୍ସପୋର୍ଟ ଉପରେ ଜୋର ଦେଲେ ଦେଶର ଜିଡିପିର ହାରରେ ଦୃତ ବୃଦ୍ଧି ହୋଇପାରିବ । ଉଚ୍ଚ ଚିନ୍ତାଧାରା ସହ ୧୦% ଜିଡିପି ବୃଦ୍ଧିହାର ଲକ୍ଷ୍ୟ ରଖିବା ନିମନ୍ତେ ଏହା ହିଁ ଭାରତ ପାଇଁ ପ୍ରକୃତ ସମୟ । ସଂପ୍ରତି ଦେଶର ନିର୍ବାଚନରେ ବିପୁଳ ଭାବେ ବିଜୟୀ ହୋଇ ନୂତନ ସରକାର ଗଠନ ହୋଇଛି ଏବଂ ଆମେ ଆଶା କରୁଛୁ ନୂତନ ସରକାର, ଦେଶରେ ଡବଲ ଡିଜିଟ୍ ଉନ୍ନତି ନିମନ୍ତେ ଇଣ୍ଡଷ୍ଟ୍ରି ସହ ମିଳିତ ଭାବେ ନୂତନ ଏବଂ ଇମ୍ପାକ୍ଟଫୁଲ ପଲିସି ଆଣିବା ସହ ଏହାର କାର୍ଯ୍ୟକାରୀ କରାଇବା କଥା କହିଛନ୍ତି ଶ୍ରୀ କିଲୋସ୍କର ।ସଂପ୍ରତି ମିଳିଥିବା ରିପୋର୍ଟ ଅନୁଯାୟୀ ସିଆଇଆଇର ଚାରେଟି ମୁଖ୍ୟ ତଥ୍ୟ ଯଥା ଏନରଜାଇଂ ଗ୍ରୋଥ, ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି, ଭାରତର ବିଦେଶରେ ଫୁଟପ୍ରିଣ୍ଟ ବଢାଇବା ଏବଂ ଏନର୍ଜି ସିକ୍ୟୁରିଟି ଉପରେ ଜୋର ଦେଉଛି । କମ୍ପିଟେଟିଭନେସ୍ ଅଫ୍ ଇଣ୍ଡିଆନ୍ ଇଙ୍କ ଇଣ୍ଡିଆନ୍ ଆଟ୍ ୭୫ ଫୋର୍ଜି ଆହେଡ୍ ସ୍କିମ୍ ଅନ୍ତର୍ଗତ ପଲିସି ସଲ୍ୟୁସନ୍ ଏବଂ ଏହାକୁ ନେଇ ଆକ୍ସନ୍ ନିମନ୍ତେ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିର ଅବଦାନକୁ ବଢାଇବା ଲକ୍ଷ୍ୟ ରଖିଛି ସିଆଇଆଇ ।

## ଓଡ଼ିଶା ବଜେଟ୍ ୨୦୨୦-୨୧ : ବେକାରଙ୍କୁ ନିରାଶ କରିଛି : ଓଡ଼ିସିଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ନାହିଁ : ସମାଜବାଦୀ ପାର୍ଟି

ଭୁବନେଶ୍ୱର : ମାନ୍ୟବର ଅର୍ଥମନ୍ତ୍ରୀ ନିରଞ୍ଜନ ପୁଜାରୀ ଆଜି ଓଡ଼ିଶା ବିଧାନସଭାରେ ୧ଲକ୍ଷ ୫୦ ହଜାର କୋଟି ଟଙ୍କାର ୨୦୨୦-୨୧ ଆର୍ଥିକ ବର୍ଷ ପାଇଁ ବଜେଟ୍ ଆଗତ କରିଛନ୍ତି । ହାରାହାରି ବେକାରୀ ଯେତେବେଳେ ୭.୧ ପ୍ରତିଶତରେ ପହ ିଛି, ଯାହାକି ଜାତୀୟହାର ଠାରୁ ଅଧିକ ବଜେଟ୍‌ରେ ପ୍ରତ୍ୟେକ୍ଷ ନିଯୁକ୍ତି ସୃଷ୍ଟି କରିବା ପାଇଁ ମାନ୍ୟବର ଅର୍ଥମନ୍ତ୍ରୀ କିଛି ଆଖିଦୃଶିଆ ପଦକ୍ଷେପ ନେବେ । କିନ୍ତୁ ବଜେଟ୍ ଆଗତ ହେଲାପରେ ଜଣାପଡ଼ିଛି ଯେ, ରାଜ୍ୟର ବେକାର ଯୁବକ ଯୁବତୀଙ୍କୁ ପ୍ରତ୍ୟେକ୍ଷ ନିଯୁକ୍ତି ସୁଯୋଗ ଦେବାପାଇଁ କୌଣସି ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇନାହିଁ, ଯାହାକି ରାଜ୍ୟର ୧୬ଲକ୍ଷ ରେଜେଷ୍ଟ୍ରିଭୁକ୍ତ ବେକାର ଯୁବକଯୁବତୀଙ୍କୁ ନିରାଶ କରିବା ସଙ୍ଗେସଙ୍ଗେ ୧ କୋଟି ବେକାରଙ୍କୁ ହତାଶ କରିଛି ବୋଲି ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା ତାଙ୍କ ବଜେଟ୍ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ସେହିଭଳି ରାଜ୍ୟ ସରକାର ଓଡ଼ିଶାର ୫୪ଭାଗ ପଛୁଆବର୍ଗଙ୍କ ପାଇଁ ପଛୁଆବର୍ଗ କମିଶନ ଗଠନ କରିବା ଏବଂ ଗତକାଲି ପଛୁଆବର୍ଗ ବିଲ୍ ୨୦୨୦ ଆଗତ କରି ସେମାନଙ୍କ ମଧ୍ୟରେ ଯେଉଁ ଆଶା ଉଦ୍ରେକ କରିଥିଲେ ଆଜି ବଜେଟ୍ ଆଗତ ପରେ ତାହା ଫିକା ପଡ଼ିଯାଇଛି । ରାଜ୍ୟର ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ କଲ୍ୟାଣ ପାଇଁ ବଜେଟ୍‌ରେ ୨୩ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । କିନ୍ତୁ ଦୁଃଖର କଥା ପଛୁଆବର୍ଗଙ୍କର ଆର୍ଥିକ ଓ ସାମାଜିକ ବିକାଶ ପାଇଁ କୌଣସି ସ୍ୱତନ୍ତ୍ର ଅନୁଦାନର ବ୍ୟବସ୍ଥା କରାଯାଇନାହିଁ । ନିଷ୍କ୍ରିୟ ହୋଇ ପଡ଼ିଥିବା ପଛୁଆବର୍ଗ ଅର୍ଥ ଆୟୋଗକୁ ସକ୍ରିୟ କରି ପଛୁଆବର୍ଗର ବେକାର ଯୁବକ ଯୁବତୀଙ୍କୁ ଆତ୍ମନିଯୁକ୍ତି ଋଣ ଦେବାପାଇଁ କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ବେହେରା ମତବ୍ୟକ୍ତ କରିଛନ୍ତି । ସରକାର ଆର୍ଥିକ ଶୃଙ୍ଖଳା ରକ୍ଷା ନାଁରେ ରାଜ୍ୟର ଅର୍ଦ୍ଧାଧିକ ଜନସାଧାରଣ ଓ ବେକାର ଯୁବକ ଯୁବତୀଙ୍କୁ ନିରାଶାର ଅନ୍ଧକାର ଭିତରକୁ ଠେଲିଦେବା ଆଦୌ ଏକ ଜନହିତକର ସରକାରର ଆଭିମୁଖ୍ୟ ନୁହେଁ ବୋଲି ଶ୍ରୀ ବେହେରା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ।

## ରାଜ୍ୟସ୍ତରୀୟ କଳିଙ୍ଗ ନଗର ସାହିତ୍ୟ ସଂସ୍କୃତି ମହୋତ୍ସବ - ୨୦୨୦ ପ୍ରସ୍ତୁତି ବୈଠକ



ବ୍ୟାସନଗର : ଭାଷା ବ ିଲେ ଜାତି ବ ି ବ ଓ ସାହିତ୍ୟ ସଂସ୍କୃତି ସୁରକ୍ଷିତ ରହିବ ବୋଲି ମତ ପ୍ରକାଶ ପାଇଛି । ଗତକାଲି ରବିବାର ସନ୍ଧ୍ୟାରେ ସ୍ଥାନୀୟ ବ୍ୟାସନଗର ପବ୍ଲିକସ୍କୁଲ ଅଡିଟୋରିୟମ ହଲଠାରେ ସାହିତ୍ୟ ପତ୍ରିକା "କ୍ରାଂତି କାମୋଦୀ କଲ୍‌କୀ"ପକ୍ଷରୁ ଆୟୋଜିତ ଏକ ବର୍ଣ୍ଣାଢ୍ୟ ସମାରୋହ ସଂପାଦକ ଘନ ପରିଡ଼ାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଓଡ଼ିଶା ଶିକ୍ଷା ବିକାଶ ସମିତିର ଉତ୍ତରପୂର୍ବ ସଂଭାଗ ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ ମୁଖ୍ୟ ଅତିଥି, ବ୍ୟାସନଗର ପୌରପାଳିକା ପ୍ରାକ୍ତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି ମୁଖ୍ୟବକ୍ତା, ବ୍ୟାସନଗର ପବ୍ଲିକସ୍କୁଲ ଅଧ୍ୟକ୍ଷା ଡ. ଦେବସ୍ମିତା ସାହୁ, ଆଇନଜୀବୀ ଲୋକନାଥ ରାଉତ , ଅଧ୍ୟାପକ ଡ. ଅକ୍ଷୟ କୁମାର ପଣ୍ଡା, ଅଧ୍ୟାପକ ଶ୍ରୀ ହିଂମାଂଶୁ ଶେଖର ଦ୍ୱିବେଦୀ, ସମାଜସେବୀ ହୃଷୀକେଶ ସାହୁ, ଚନ୍ଦ୍ରମଣି ସାମଲ, ସାମ୍ବାଦିକ ବିଜୟ କୁମାର ସାହୁ, ଜ୍ଞାନରଞ୍ଜନ ରାଉତ ସମ୍ମାନିତ ଅତିଥି , ପଣ୍ଡିତ ଯୁଗଳ କିଶୋର ମିଶ୍ର, ସମାଜସେବୀ ଉପେନ୍ଦ୍ର ନାଥ ମହାନ୍ତି, ଶିକ୍ଷାବିତ୍ ତାରିଣୀ ପ୍ରସାଦ ପୁହାଣ, ଯୁବପ୍ରଭା ସାବତ, ରାଜାବାରୁଣୀ ବସ୍ତୁକଳ୍ପ ପାଇକରାୟ, ଅଲେଖ ପ୍ରସାଦ ମହାରଣା, କବୟିତ୍ରୀ ଗାୟତ୍ରୀ ନାୟକ, ଲବଙ୍ଗଲତା ପରିଡ଼ା ପ୍ରମୁଖ ଅତିଥିରୂପେ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ସମୃଦ୍ଧି ଓ ତାର ପ୍ରଚାର ପ୍ରସାର କ୍ଷେତ୍ରରେ ଯାଜପୁର ଜିଲ୍ଲା ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ସର୍ବୋପରି ଜିଲ୍ଲାର ସାମଗ୍ରିକ ବିକାଶ ସହିତ ସାହିତ୍ୟ ସଂସ୍କୃତି କ୍ଷେତ୍ରରେ ବୌଦ୍ଧିକ ଓ ସାଂସ୍କୃତିକ ବିକାଶକୁ ଆଖି ଆଗରେ ରଖି ଆଗାମୀ ଏପ୍ରିଲ୍ ମାସରେ ବ୍ୟାସନଗରଠାରେ ଅନୁଷ୍ଠିତ ହେବାକୁଥିବା ତିନିଦିନିଆ "ରାଜ୍ୟସ୍ତରୀୟ କଳିଙ୍ଗ ନଗର ସାହିତ୍ୟ ସଂସ୍କୃତି ମହୋତ୍ସବ-୨୦୨୦" ପାଇଁ ଏକ ପ୍ରସ୍ତୁତି କମିଟି ଗଠନ କରାଗଲା । ଏଥିରେ ଓଡ଼ିଶାର ପ୍ରାକ୍ତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟ ଉପଦେଷ୍ଟା, ସ୍ଥାନୀୟ କୋରାଇ ବିଧାୟକ ଅଶୋକ କୁମାର ବଳ ମୁଖ୍ୟ ପୃଷ୍ଠପୋଷକ, କଳିଙ୍ଗ ନଗର ଅତିରିକ୍ତ ଜିଲ୍ଲାପାଳ ସନ୍ତୋଷ କୁମାର ମିଶ୍ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ, ଓଡ଼ିଶା ଶିକ୍ଷା ବିକାଶ ସମିତି ଉତ୍ତର ପୂର୍ବ ସମ୍ଭାଗ ସଭାପତି ପ୍ରଫୁଲ୍ଲ କୁମାର ବୋଇତାଇ, ପୌରପାଳିକାର ପ୍ରାକ୍ତନ ଅଧ୍ୟକ୍ଷ ରସାନନ୍ଦ ମହାନ୍ତି ଓ ପ୍ରାକ୍ତନ ଅଧ୍ୟକ୍ଷା ସବିତା ରାଉତ ପ୍ରମୁଖଙ୍କୁ ଉପାଧ୍ୟକ୍ଷଭାବେ ମନୋନୀତ କରାଯାଇଛି । ଏହା ସହିତ ମହାସଚିବ ଭାବେ ଘନ ପରିଡ଼ା , ସାଧାରଣ ସମ୍ପାଦକ ଭାବେ ଡ. ଦେବସ୍ମିତା ସାହୁ, ଲୋକନାଥ ରାଉତ, ହୃଷୀକେଶ ସାହୁ, ଡ. ଅକ୍ଷୟ କୁମାର ପଣ୍ଡା, ହିମାଂଶୁ ଶେଖର ଦ୍ୱିବେଦୀ, ବିଜୟ କୁମାର ସାହୁ ଓ ଚନ୍ଦ୍ରମଣି ସାମଲ, କୋଷାଧ୍ୟକ୍ଷ ଭାବେ ଜ୍ଞାନ ରଞ୍ଜନ ରାଉତ, ସମ୍ପାଦକଭାବେ ଡ. ପ୍ରଜ୍ଞାପ୍ରବର୍ତ୍ତିକା ଦାଶ, ଯୁଗପ୍ରଭା ସାବତ୍, ପ୍ରଣତୀ ହୋତା, ବିଚିତ୍ରାନନ୍ଦ ମହାନ୍ତି, ତାରିଣୀ ପ୍ରସାଦ ପୁହାଣ, ଡ. ଦୟାନିଧି ଦାଶ, ଅଜୟ କୁମାର ମହାନ୍ତି, ରାଜାବାରୁଣୀ ବସ୍ତୁକଳ୍ପ ରାଉତରାୟ, ଯୁଗ୍ମ ସମ୍ପାଦକଭାବେ ଅଞ୍ଜୁବାଳା ଜେନା, ଗାୟତ୍ରୀ ନାୟକ, ଲବଙ୍ଗଲତା ପରିଡ଼ା, ସୁଦାମ ଚରଣ ନାୟକ, ଅଧ୍ୟାପକ ମଳୟ କୁମାର ମଲ୍ଲିକ ଓ କାର୍ଯ୍ୟକାରୀ କମିଟି ସଭ୍ୟଭାବେ ପ୍ରଭାତୀ ରାଉତ, କା ନ ବାଳା ମଲ୍ଲ, ଗୋକୁଳ ବିହାରୀ ପୃଷ୍ଟି, କୁଳମଣି ଦତ୍ତ, ଗଣେଶ ଦାସ, ଯୁଗଳ କିଶୋର ହୋତା, ନାରାୟଣ କୁମାର ରାଉତରାୟ ଓ ନିର୍ମଳ ଚନ୍ଦ୍ର ରାଉତଙ୍କୁ ମନୋନୀତ କରାଯାଇଛି । ଆଗାମୀ ମାର୍ଚ୍ଚ ୨୨ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ସାହିତ୍ୟ ଆସର ଓ ବନ୍ଧୁ ମିଳନରେ ରାଜ୍ୟସ୍ତରୀୟ କଳିଙ୍ଗ ନଗର ସାହିତ୍ୟ ସଂସ୍କୃତି ମହୋତ୍ସବ-୨୦୨୦ର ପୂର୍ଣ୍ଣାଙ୍ଗ ରୂପରେଖ ଓ ବିସ୍ତୃତ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହେବ ବୋଲି "କ୍ରାଂତି କାମୋଦୀ କଲ୍‌କୀ" ସମ୍ପାଦକ ଶ୍ରୀ ପରିଡ଼ା ସୂଚନା ଦେଇଛନ୍ତି ।

## ବିଶିଷ୍ଟ କ୍ରିକେଟ ତାରକା ଓ ଶିକ୍ଷାବିତ୍ ପଦ୍ମଶ୍ରୀ ବିରେନ୍ଦ୍ର ସେହ୍ୱାଗଙ୍କ ଦ୍ୱାରା କୋହେନ ଇଂଟରନ୍ୟାସନାଲ ସ୍କୁଲ ଉଦ୍‌ଘାଟିତ




ଭୁବନେଶ୍ୱର/ ଖୋର୍ଦ୍ଧା: ଭୁବନେଶ୍ୱରସ୍ଥିତ କୋହେନ ଇଂଟରନ୍ୟାସନାଲ ସ୍କୁଲ ପାଇଁ ଫେବୃଆରୀ ୧୮ ତାରିଖ ଏକ ପବିତ୍ର ଦିନ ଥିଲା । ପଦ୍ମଶ୍ରୀ ବିରେନ୍ଦ୍ର ସେହ୍ୱାଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସ୍କୁଲକୁ ଉଦଘାଟନ କରିଥିଲେ ଏବଂ ଆୟୋଜିତ ଉତ୍ସବରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଂଜନ ଦାଶ, ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଆଇଏଏସ, ସିବିଏସ୍‌ଇର ଆଂଚଳିକ ଅଧିକାରୀ ଶ୍ରୀ ଟି ମାଟେ ଏବଂ ଇନଷ୍ଟିଚ୍ୟୁଟ ଅଫ ଫିଜିକ୍ସର ପ୍ରଫେସର ଅଜିତ ମୋହନ ଶ୍ରୀବାସ୍ତବ ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ । ମଂଚରେ କୋହେନ ଇଂଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ଶ୍ରୀ ଜ୍ୟୋତି ରଂଜନ ତ୍ରିପାଠୀ, ଉପାଧ୍ୟକ୍ଷ ଶ୍ରୀ ବିକାଶ ବାହିନୀପତି ଉପସ୍ଥିତ ଥିଲେ । ଉଦ୍‌ଘାଟନି ଅଭିଭାଷଣରେ ପଦ୍ମଶ୍ରୀ ସେହ୍ୱାଗ ତାଙ୍କ ଅଭ୍ୟାସ ଦିନଗୁଡ଼ିକ ସଂପର୍କରେ ସ୍ମୃତିଚାରଣ କରିଥିଲେ, କାରଣ ତାଙ୍କୁ ଅଭ୍ୟାସ କରିବା ପାଇଁ ଫିରୋଜଶାହ କୋଟ୍‌ଲା ପଡିଆକୁ ବସ୍‌ଯୋଗେ ଦୁଇଘଂଟା ଯାତ୍ରା କରିବାକୁ ପଡୁଥିଲା । ସେ ଏହି ତଥ୍ୟ ଉପରେ ଗୁରୁତ୍ୱ ଦେଇଥିଲେ ଯେ କଠିନ ପରିଶ୍ରମର ମୂଲ୍ୟ ରହିଛି । ସ୍କୁଲର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀଙ୍କର ଉତ୍ସର୍ଗୀକୃତ ପ୍ରୟାସକୁ ସେ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଶ୍ରୀ ତ୍ରିପାଠୀ ଯେଉଁ ମୁହୂର୍ତ୍ତରେ ତାଙ୍କର ସହଯୋଗ ଚାହିଁବେ ତାହା ସେ ଯୋଗାଇଦେବେ ବୋଲି ମଂଚରେ ଘୋଷଣା କରିଥିଲେ । ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ସମୀର ରଂଜନ ଦାଶ ଜଟଣିରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଏବଂ ମେସିନ ଲର୍ଣ୍ଣିଂ ସହିତ ସମସ୍ତ ପାଠ୍ୟକ୍ରମ ଥାଇ ଏକ ସ୍କୁଲ ପ୍ରତିଷ୍ଠା ସକାଶେ ଶ୍ରୀ ତ୍ରିପାଠୀଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ ଏବଂ ଉକ୍ତ ସ୍କୁଲର ସର୍ବ ସଫଳତା କାମନା କରିଥିଲେ । ଉନ୍ନୟନ କମିଶନର ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର ତାଙ୍କର ସ୍ମୃତିଚାରଣ କରିବା ସହିତ ଶ୍ରୀ ତ୍ରିପାଠୀ କିଭଳି କଠିନ ପରିଶ୍ରମ କରି ଏହି ଶିଖରରେ ପହଂଚିପାରିଛନ୍ତି ତାହା ପ୍ରକାଶ କରିଥିଲେ । ପ୍ରଫେସର ଶ୍ରୀବାସ୍ତବ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପସନ୍ଦ ବାଛିବାକୁ ସୁଯୋଗ ଦିଆଯିବା ଉପରେ ଗୁରୁତ୍ୱ ଦେବାସହିତ ସଫଳତା ନମିଳିଲେ ମଧ୍ୟ ଶିକ୍ଷା ଆହରଣ ପ୍ରକ୍ରିୟାରେ ସଂଯୁକ୍ତ ହୋଇ ରହିବାର ଆନନ୍ଦ ସମ୍ପର୍କରେ ଆଲୋକପାତ କରିଥିଲେ । ଅଭିଭାବକମାନେ ଧୈର୍ଯ୍ୟବାନ୍ ହୋଇ ସେମାନଙ୍କ ପିଲାଙ୍କ ଉପରେ କିଛି ଲଦି ନଦେଇ ସେମାନଙ୍କୁ ନିଜ ନିଜର କ୍ୟାରିୟର ବାଛିବା ସୁଯୋଗ ଦେବାକୁ ନିବେଦନ କରିଥିଲେ । ହିନ୍ଦୀ ଚଳଚ୍ଚିତ୍ର 'ଥ୍ରୀ ଇଡିଅଟ୍‌ସ'ର କିଛି ପଙ୍‌କ୍ତିକୁ ସେ ପ୍ରଶଂସା କରିଥିଲେ । ସିବିଏସଇର ଆଂଚଳିକ ଅଧିକାରୀ ଶ୍ରୀ ମାଟେ ସ୍କୁଲର ସର୍ବାଙ୍ଗ ସଫଳତା କାମନା କରିବା ସହିତ ଏହାର ପ୍ରତିଷ୍ଠାତା ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଏବଂ ସହଯୋଗୀମାନଙ୍କର ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । କୋହେନ ଇଂଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷ ଶ୍ରୀ ଜ୍ୟୋତି ରଂଜନ ତ୍ରିପାଠୀ ବେଶ୍ ଭାବପ୍ରବଣ ହୋଇ ଶିକ୍ଷାଦାନ ପ୍ରତି ତାଙ୍କ ମଧ୍ୟରେ ଥିବା ଦୁର୍ବାର ଇଚ୍ଛା ସଂପର୍କରେ ପ୍ରକାଶ କରିଥିଲେ । ଏଥିସହିତ ଛାତ୍ରଛାତ୍ରୀଙ୍କ ସନ୍ଦେହ ଦୂରକରି ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିବା ସମୟରେ ତାଙ୍କର ଶେଷନିଃଶ୍ୱାସ ଯାଉ ବୋଲି ସେ କାମନା କରିଥିଲେ । ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ଛାତ୍ରଛାତ୍ରୀଙ୍କୁ ସର୍ବୋତ୍ତମ ଯୋଗାଇଦେବା ନେଇ ସେ ଆଶାବ୍ୟକ୍ତ କରି କହିଲେ ଯେ ଏହା ସେମାନଙ୍କୁ ଭବିଷ୍ୟତରେ ଜଣେ ଜଣେ ପୂର୍ଣ୍ଣାଙ୍ଗ ମଣିଷ ଭାବେ ଗଢ଼ିତୋଳିବ । ଏହି ଅବସରରେ ଶ୍ରୀ ସେହ୍ୱାଗ ଅନ୍ୟ ଅତିଥିଙ୍କ ଗହଣରେ ସ୍କୁଲ ପରିସରରେ ନିର୍ମାଣ କରାଯାଇଥିବା ସ୍ପୋର୍ଟସ ଏରିନାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମରେ କୋହେନ ଇଂଟରନ୍ୟାସନାଲ ସ୍କୁଲର ବରିଷ୍ଠ ପରାମର୍ଶଦାତା ଡଃ କମଳେଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସ୍କୁଲର ଉପାଧ୍ୟକ୍ଷ ଶ୍ରୀ ବିକାଶ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ:ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray